# ଗୋବରୀ ପୋଲ ସମ୍ପ୍ରସାରଣ କରିବାକୁ ଦାବି



## କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର ପ୍ରଧାନ

ଚଣ୍ଡିଖୋଲ,୨୮।୯(ଡି.ଏନ୍.ଏ.): ଚଣ୍ଡୀଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥ ଖୁବ୍‌ଶୀଘ୍ର ୮ ଲେନ୍ ବିଶିଷ୍ଟ ହେବ। ଓଡ଼ିଶାରେ ଏହା ହେବ ପ୍ରଥମ ୮ ଲେନ୍ ବିଶିଷ୍ଟ ରାଜମାର୍ଗ। ଏହି ରାଜମାର୍ଗର ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଓଲାଶୁଣୀ ପୀଠ ନିକଟରେ ଥିବା ଗୋବରୀ ନଦୀ ଉପରେ ଯାଇଥିବା ସେତୁକୁ ଚଉଡ଼ା କରିବା ପାଇଁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରିଙ୍କୁ ଭେଟି ଏକ ଚିଠି ଦେବା ସହିତ ଆଲୋଚନା କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତିଯେ, ଓଲାଶୁଣୀ ଛକ ନିକଟରେ ଥିବା ଗୋବରୀ ଡ୍ରେନେଜ କଟ୍ ଦେଇ ଏହାର ଜଳ ପ୍ରବାହିତ ହୋଇଥାଏ। କିନ୍ତୁ ବର୍ଷାଋତୁରେ ଉଦ୍‌ବୃତ୍ତ ବନ୍ୟାଜଳ ଏହି ସଂକୀର୍ଣ୍ଣ ସେତୁ ଦେଇ ଠିକ୍ ଭାବରେ ନିଷ୍କାସିତ ହୋଇ ନ ପାରିବା କାରଣରୁ କଟକ ଜିଲାର ସାଲେପୁର ଓ ମାହାଙ୍ଗା ନିର୍ବାଚନମଣ୍ଡଳୀର ୩୦ଟି ପଞ୍ଚାୟତର ୨ ଲକ୍ଷ ଲୋକ ଏବଂ ଚାଷଜମି ମଧ୍ୟ ପ୍ରଭାବିତ ହୋଇଥାଏ। ପ୍ରତିବର୍ଷ ବନ୍ୟା ଆସିଲେ ଏହା ଚାଷୀଙ୍କ ପାଇଁ ବିପତ୍ତିର କାରଣ ହୋଇଥାଏ। ଏହି ଡ୍ରେନେଜ୍ କଟ୍‌କୁ ନଈର ମାନ୍ୟତା ଦିଆଯାଇ ନ ଥିଲେ ମଧ୍ୟ ଏହା ସିଧାସଳଖ ପ୍ରବାହିତ ହୋଇ ନିଜର ମୁହାଣରେ ବଙ୍ଗୋପସାଗରରେ ପଡ଼ିଛି। ଗୋବରୀ ନଦୀ ବନ୍ୟା ଦ୍ୱାରା ବଡ଼ଚଣା ବ୍ଲକର ୫ଟି ପଞ୍ଚାୟତର ଚାଷୀଜମି ମଧ୍ୟ ଗୁରୁତର ପ୍ରଭାବିତ ହୋଇଥାଏ। ଏହି ରାଜପଥ ୪ ଲେନ୍‌ରୁ ୮ ଲେନ୍‌ରେ ପରିଣତ ହେବାକୁ ଯାଉଥିଲା ବେଳେ ଓଲାଶୁଣୀ ନିକଟରେ ଥିବା ଗୋବରୀ ସେତୁକୁ ଅଧିକ ବଢ଼ାଇବା ପାଇଁ ଏହାକୁ ଡିପିଆର୍‌ରେ ସଂଯୁକ୍ତ କରିବାକୁ ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ସମସ୍ୟାର ସମାଧାନ ପାଇଁ ଏହାର ଉପଯୁକ୍ତ ପରୀକ୍ଷା ନିରୀକ୍ଷା କରି ବନ୍ୟା ସମୟରେ ସଂପୃକ୍ତ ପଞ୍ଚାୟତର ଲୋକଙ୍କ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ପ୍ରଧାନ ଗଡ଼କରୀଙ୍କୁ କହିଛନ୍ତି। ଏହି ସେତୁର ସମ୍ପ୍ରସାରଣ ନେଇ ଅନୁଧ୍ୟାନ କରିବା ସହ ଉପଯୁକ୍ତ ପଦକ୍ଷେପ ନେବାପାଇଁ ସଡ଼କ ପରିବହନ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ମୁତବାକ, ୫୩ ନମ୍ବର ଜାତୀୟ ରାଜପଥର ଓଲାଶୁଣୀ ଛକ ଗୋବରୀ ସେତୁଟି ବର୍ତ୍ତମାନ ୭୫ରୁ ୮୦ ମିଟର ରହିଛି। ରାସ୍ତା ୮ ଲେନ୍ ନିର୍ମାଣ ବେଳେ ଏହାକୁ ବଢ଼ାଇ ୧୧୭ ମିଟର ରଖାଯାଇଥିବା ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡି.ପି.ଆର୍) ପ୍ରସ୍ତୁତ କରାଯାଇ ନୂଆଦିଲ୍ଲୀଠାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ଅଧିକାରୀଙ୍କୁ ପ୍ରଦାନ କରାଯାଇ ସାରିଛି।

# ରଞ୍ଜିତାଙ୍କୁ ସ୍ୱାବଲମ୍ବୀ କଲା ଜଳଖିଆ ଦୋକାନ



ଡେରାବିଶ,୨୮।୯(ସ୍ୱ.ପ୍ର.)- ଆର୍ଥିକ ଅନାଟନ ଭିତରେ ଗତି କରୁଥିବା ଜଣେ ମହିଳା ନିଜ ପରିବାରର ବୋଝକୁ ନେଇ ନିଜେ କିଭଳି ସ୍ୱାବଲମ୍ବୀ ହେବ ସେ ଦିଗରେ ଉଦ୍ୟମ ଆରମ୍ଭ କରିଛନ୍ତି । ସମ୍ପୃକ୍ତା ମହିଳା ହେଲେ ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ଭାଗିରଥୀ ସାହୁଙ୍କ ସ୍ତ୍ରୀ ରଞ୍ଜିତା (୩୦) । ନିଜର ୨ ପିଲା ଓ ସ୍ୱାମୀଙ୍କ ସହ ସେ ଆର୍ଥିକ ଅନାଟନ ଭିତରେ ଗତି କରୁଛନ୍ତି । ସ୍ୱାମୀ ଭାଗିରଥି ବିଭିନ୍ନ କାମ ଧନ୍ଦା କରି ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ପ୍ରତିପୋଷଣ ହେଉଥିଲା । ଏପରି ପରିସ୍ଥିତିରେ ରଞ୍ଜିତା ନିଜେ କିଭଳି ସ୍ୱାବଲମ୍ବୀ ହେବେ ସେଥିପାଇଁ ତାଙ୍କର ପ୍ରୟାସ ଆରମ୍ଭ କରିଥିଲେ । ନିଜ ପାଖରେ ଥିବା ସଞ୍ଚିତ ଅର୍ଥରେ ଏକ ଠେଲାଗାଡ଼ିରେ ବିଭିନ୍ନ ଜଳଖିଆ ତିଆରି କରି ସେ ବ୍ୟବସାୟ ଆରମ୍ଭ କରିଛନ୍ତି । ଡେରାବିଶ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ କରିଥିବା ଏହି ଜଳଖିଆ ଦୋକାନରେ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ତେବେ ଗ୍ରାହକଙ୍କ ଚାହିଦା ଅନୁସାରେ ଅର୍ଥ ଅଭାବରୁ ଅଧିକ ଜଳଖିଆ ପ୍ରସ୍ତୁତ କରିବା କଷ୍ଟକର ହେଉଛି ବୋଲି ରଞ୍ଜିତା କହିଛନ୍ତି । ଖବର ପାଇ ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ବୁଧବାର ରଞ୍ଜିତାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି । ରାଉତ କହିଛନ୍ତି, ପରିବାର ଓ ସମାଜକୁ ଆଗେଇବାରେ ମହିଳାଙ୍କ ଯଥେଷ୍ଟ ଭୂମିକା ରହିଛି । ଏହି ପରିପ୍ରେକ୍ଷୀରେ ରଞ୍ଜିତା ଅନ୍ୟ ମହିଳାଙ୍କ ପାଇଁ ଉଦାହରଣ ହେବେ ବୋଲି ରାଉତ ପ୍ରକାଶ କରିଛନ୍ତି ।

# ହଟିଲା ପ୍ରତିବନ୍ଧକ, କଟାଗଲା ଶୁଖିଲା ଗଛ

## ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ପ୍ରସଙ୍ଗ

ରସୁଲପୁର, ୨୮।୯ (ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ନେଇ ଏବେ ବି କଳ୍ପନାଜଳ୍ପନା ଲାଗିରହିଛି। ଚଳିତମାସ ୨ତାରିଖରେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡାକ୍ତରଖାନା ସ୍ଥାନାନ୍ତରକୁ ନେଇ ତତ୍ପରତା ପ୍ରକାଶ ପାଇଛି। ଦୀର୍ଘଦିନ ହେବ ନୂତନ ଡାକ୍ତରଖାନା କୋଠା ପରିସରରେ ଥିବା ବିପଦ ସଂକୁଳ ଶୁଖିଲା ଆମ୍ବଗଛକୁ ହଟାଇ ଦିଆଯାଇଛି। ଏଥର ଡାକ୍ତରଖାନା ସ୍ଥାନାନ୍ତର ହୋଇଯିବା ପାଇଁ ରାସ୍ତା ସଫା ହୋଇଛି। ତେବେ ଦୀର୍ଘଦିନ ହେବ ଡାକ୍ତରଖାନା ନୂତନ କୋଠାକୁ ସ୍ଥାନାନ୍ତର ହେବା ପାଇଁ ଜନସାଧାରଣଙ୍କ ଅପେକ୍ଷା ରହିଛି। ତେବେ ତାହା କେବେ ସମ୍ଭବ ହେଉଛି ତା'କୁ ଅପେକ୍ଷା ରହିଛି। ନୂତନ ଡାକ୍ତରଖାନା ପରିସରରେ କେତେକ ଆବଶ୍ୟକୀୟ ନିର୍ମାଣ କାର୍ଯ୍ୟ ବାକି ରହିଥିଲା। ଏହାଛଡା ପରିସରରେ ରହିଥିବା ଶୁଖିଲା ଗଛଟି ଡାକ୍ତର, ଡାକ୍ତରଖାନା କର୍ମଚାରୀ, ରୋଗୀ ଓ ତାଙ୍କ ସଂପର୍କୀୟଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲା। ଉକ୍ତ ଗଛକୁ ହଟାଇବାକୁ ଡାକ୍ତରଖାନାର ଭାରପ୍ରାପ୍ତ ଅଧିକାରୀ ବିଶ୍ୱରଞ୍ଜନ କର ରସୁଲପୁର ତହସିଲଦାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଅବଗତ କରାଇ ଆସୁଥିଲେ । ମାତ୍ର ପ୍ରଶାସନ ପକ୍ଷରୁ ସହଯୋଗ କରାଯାଇ ନ ଥିବାରୁ ଡାକ୍ତରଖାନା ସ୍ଥାନାନ୍ତରଣ ସମ୍ଭବପର ହେଉ ନ ଥିଲା। ଏହାକୁ ଆଳକରି ଡାକ୍ତରଖାନା କର୍ତ୍ତୃପକ୍ଷ ସ୍ଥାନାନ୍ତରଣ ପ୍ରସଙ୍ଗକୁ ବର୍ଷାଧିକ କାଳ ଅଣଦେଖା କରି ଆସୁଥିଲେ। ଆସନ୍ତା ଦିନରେ ଡାକ୍ତରଖାନାକୁ ସଂପୂର୍ଣ୍ଣ ସ୍ଥାନାନ୍ତର କରାଯିବ ବୋଲି ଆଶାପୋଷଣ କରାଯାଉଛି। ତେବେ ଏ ଦିଗରେ କର୍ତ୍ତୃପକ୍ଷଙ୍କ ଭୂମିକା କ'ଣ ରହୁଛି ତାକୁ ଦେଖିବାକୁ ବାକି ରହିଲା। ଏ ନେଇ ଭାରପ୍ରାପ୍ତ ଅଧିକାରୀ ଡାକ୍ତର କରଙ୍କୁ ପଚାରିବାରୁ ଶୁଖିଲା ଗଛ ଯୋଗୁ ଡାକ୍ତରଖାନା ସ୍ଥାନାନ୍ତରଣରେ ପ୍ରତିବନ୍ଧକ ସୃଷ୍ଟି ହେଉଥିଲା। ଗଛଟିକୁ କାଟି ଦିଆଯାଇଛି। ଅନ୍ୟ ସବୁ କାର୍ଯ୍ୟ ପର୍ଯ୍ୟାୟ କ୍ରମେ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଏନ୍‌ଜିଟିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ଦାବିରେ ଗଣଧାରଣା

## ବେଆଇନ ବାଲି ଚାଲାଣ ବନ୍ଦ ପ୍ରସଙ୍ଗ

ଯାଜପୁର ରୋଡ,୨୮।୯(ଡି.ଏନ୍.ଏ.)

ବୁଧବାର ଶହୀଦ୍ ଭଗତ ସିଂଙ୍କ ୧୧୬ତମ ଜୟନ୍ତୀ ପାଳନ ଅବସରରେ କୋରେଇ ସଂଗ୍ରାମ ସମିତି ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ବେଆଇନ ବାଲି ଚାଲାଣ ପ୍ରତିବାଦରେ ଅନୁଷ୍ଠିତ ଏହି ଗଣଧାରଣାରେ ଏନ୍‌ଜିଟିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି ।

ବୈତରଣୀ ନଦୀକୂଳର ୮ବାଲିଘାଟରୁ ଭାରିଯାନ ଦ୍ୱାରା ବେଆଇନ୍ ବାଲି ଉଠାଣ ଚାଲିଛି । ଏହାକୁ ବନ୍ଦ କରିବା ପାଇଁ କୋରାଇ ସଂଗ୍ରାମ ସମିତି ବିଭିନ୍ନ ସମୟରେ ଜିଲାପାଳ, ତହସିଲଦାର ଓ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ବାଲି ମାଫିଆମାନେ ଅବାଧରେ ବାଲିଚାଲାଣ କରି ଚାଲିଛନ୍ତି । ଏଥିପାଇଁ ରାସ୍ତାଘାଟ ବିପର୍ଯ୍ୟସ୍ତ ହେବା ସହିତ ସ୍ଥାନୀୟ ଲୋକଙ୍କ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଏହାକୁ ଆଧାର କରି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ୨୬ ।୮। ୨୦୨୨ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । ଜିଲାପାଳ ତା.୧୪ ।୯।୨୦୨୨ରେ ଏକ ପତ୍ର ମାଧ୍ୟମରେ ବାଲି ଲିଜ୍‌ଧାରୀମାନଙ୍କୁ ସତର୍କ କରାଇଥିଲେ । ହେଲେ ଏବେ ବି ସବୁ ନିୟମକୁ ବାଲି ମାଫିଆମାନେ ଉଲ୍ଲଂଘନ କରି ଚାଲିଛନ୍ତି । ଏହାର ପ୍ରତିବାଦରେ ସମିତିର କର୍ମକର୍ତ୍ତା ଗତ ୨୦ ତାରିଖରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ବି ଏନ୍‌ଜିଟିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ବୁଧବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମିତିର ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଣଧାରଣା ଦିଆଯାଇଥିଲା । ଏଥିରେ ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପସଭାତି ଆଲୋକ ମହାନ୍ତି, ପଦ୍ମନାଭ ନାୟକ, ମନୋରଞ୍ଜନ ନାୟକ, ପଦାରବିନ୍ଦ ଜେନା, ଜଗବନ୍ଧୁ ନାୟକ, ନାରାୟଣ ଚନ୍ଦ୍ର ନାୟକ, ଦୀପ୍ତିମୟୀ କୁଅଁର, ମହେନ୍ଦ୍ର ମହାପାତ୍ର, ବିଦ୍ୟାଧର ଜେନା, ପରିକ୍ଷିତ ମଲ୍ଲିକ, ଆଲୋକ ଜେନା, ନରୋତ୍ତମ ମଲ୍ଲିକ ଧାରଣା ଦେବା ସହିତ ପ୍ରଶାସନିକ ଅଧିକାରୀଙ୍କୁ ସମାଲୋଚନା କରିଥିଲେ । ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝି, ଥାନା ଅଧିକାରୀ ଗଙ୍ଗାଧର ବାରିକ ଧାରଣା ସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେଇଥିଲେ । ବେଆଇନ୍ ବାଲି ଉଠାଣକାରୀଙ୍କ ବିରୋଧରେ ୧୫ ଲକ୍ଷ ଟଙ୍କା ଜରିମାନା ଓ ଅନ୍ୟାନ୍ୟ ଲିଜ୍‌ଧାରୀମାନେ କୋର୍ଟର ନିର୍ଦ୍ଦେଶକୁ ଉଲ୍ଲଂଘନ କଲେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘୋଷଣା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ସଂଗ୍ରାମ ସମିତିର ସଭାପତି ମହାନ୍ତି କୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କଲେ କୋରାଇ ସଂଗ୍ରାମ ସମିତି ପୁଣି ଥରେ କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି କହିଥିଲେ ।




କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି।



## ସଂକ୍ଷେପରେ

### ଯୁବତୀ ରଶି ଲଗାଇ, ଯୁବକ ବିଷ ପିଇ ଆତ୍ମହତ୍ୟା

କୁଜଙ୍ଗ ୨୮।୯ (ଡି.ଏନ.ଏ.): କୁଜଙ୍ଗ ବ୍ଲକ ପାରାଦୀପ ଲକ୍ ଥାନା ଅନ୍ତର୍ଗତ କୋଠି ଗ୍ରାମର ରମେଶ ମଲ୍ଲିକଙ୍କ ଝିଅ ସରିତା (୨୧) ମଙ୍ଗଳବାର ଅପରାହ୍ନ ୩ଟାରେ ଘରେ ନିଜ ଓଢଣିରେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ସରିତାକୁ କୁଜଙ୍ଗ ଡାକ୍ତରଖାନାକୁ ଆଣିଥିଲେ ବି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ସରିତା ଜଗତ୍‌ସିଂହପୁରରେ ରହି ଏକ ନର୍ସିଂ ସ୍କୁଲରେ ପଢୁଥିଲେ। ସୋମବାର ଘରକୁ ଆସିଥିଲେ। ଆତ୍ମହତ୍ୟାର କାରଣ ଜଣା ପଡି ନ ଥିଲା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪୦/୨୨) ରୁଜୁ କରି ତଦନ୍ତ କରୁଛି। ସେହିପରି ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଫୁଲବେଲାରୀ ଗାଁର ସମ୍ପଦ ସେଠୀଙ୍କ ପୁଅ ଗଣେଶ (୨୪) ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ଗଣେଶ ଘରେ ଚାଉଳରେ ପୋକ ନ ଲାଗିବା ପାଇଁ ଥିବା ବିଷଖାଇ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ଅଠରବାଙ୍କି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ସୁସ୍ଥ ହେବା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ପରିବାର ଲୋକ ଅପରାହ୍ନରେ ଘରକୁ ନେଇ ଆସିଥିଲେ। ମାତ୍ର ପୁନର୍ବାର ରାତ୍ର ୮ଟାରେ ଗଣେଶ ଅସୁସ୍ଥ ହୋଇପଡିବାରୁ ଆମ୍ବୁଲାନ୍ସ ଯୋଗେ କୁଜଙ୍ଗ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ କୁଜଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୧/୨୨) ରୁଜୁ ହୋଇଥିବା ବେଳେ ପୋଲିସ ତଦନ୍ତ କରୁଛି। କୁଜଙ୍ଗ ଡାକ୍ତରଖାନାରେ ବୁଧବାର ଯୁବତୀ ଓ ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ଫେସ୍‌ବୁକ୍‌ରେ ଅଶ୍ଳୀଳ ବାର୍ତ୍ତା ପୋଷ୍ଟ କରି ଯୁବକ ଜେଲ୍ ଗଲେ

ଆଳି,୨୮।୯ (ଡି.ଏନ.ଏ.) କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ଆୟତପୁର ଗ୍ରାମର ଶଶିକାନ୍ତ ମଲ୍ଲିକ ନାମକ



ଜଣେ ଯୁବକ ନକଲି ଫେସବୁକ୍ ଆଇଡି ଖୋଲି ଜଣେ କଲେଜ ଛାତ୍ରୀଙ୍କ ନାମରେ ଅଶ୍ଳୀଳ ବାର୍ତ୍ତା ପୋଷ୍ଟ କରୁଥିଲେ । ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୫୩/୨୩)ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି । ଏହି ଘଟଣାରେ ପୋଲିସ ଆଇଟି ସେଲ୍‌ର ସହାୟତା ନେଇଥିଲା ।

# କଣ୍ଠିଆ ନାଳ ସେତୁ ନିର୍ମାଣ ପାଇଁ ବାଟ ଫିଟିଲା

କେନ୍ଦ୍ରାପଡ଼ା ଅଫିସ/ ପଟ୍ଟାମୁଣ୍ଡାଇ, ୨୮।୯ (ସ୍ୱ.ପ୍ର.)

- ୪୭ କୋଟି ଟଙ୍କାରେ ନିର୍ମାଣ ହେବ ସିଂହଗାଁ ସେତୁ
- ୩ ରାଜସ୍ୱ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ
- କଣ୍ଠିଆ ନାଳ ପାଇଁ ଯାଇ ପାରୁନି ଆମ୍ବୁଲାନ୍ସ

କଣ୍ଠିଆ ନାଳ ଉପରେ ସେତୁ ନିର୍ମାଣ ହେବ। ଦୀର୍ଘ ୧୬ ବର୍ଷ ଧରି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତବାସୀଙ୍କ ଦାବି ପୂରଣ ହେବାକୁ ଯାଉଛି। ଏ ନେଇ ରାଜ୍ୟ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ ବ୍ୟୟ ଅଟକଳକୁ ମଞ୍ଜୁରୀ ଦେଇଛି। ଜାତୀୟ ଜଳପଥ–୫ ଅଧୀନରେ ଥିବା କଣ୍ଠିଆ ନାଳର କୃଷ୍ଣଦାସପୁର ସିଂହଗାଁ ସେତୁ ପାଇଁ ବିଜୁ ସେତୁ ଯୋଜନାରେ ମୋଟ ୪୭,୦୮,୮୫,୦୦୦ ଟଙ୍କା ବ୍ୟୟ ବରାଦ ହୋଇଛି। ଏହି ଚିଠି ସ୍ଥାନୀୟ ଅଞ୍ଚଳରେ ଖୁସି ଆଣି ଦେଇଛି।

ଏ ସମ୍ପର୍କରେ ସିଂହଗାଁ ଗାଁର ପ୍ରମେଶ ମଲ୍ଲିକ କୁହନ୍ତି, ସହରଠାରୁ ସିଂହଗାଁ ମାତ୍ର ୨୬କିଲୋମିଟର ଦୂର। ସିଂହଗାଁର ପ୍ରସୂତିଙ୍କ ପାଇଁ ୧୦୨ ଆମ୍ବୁଲାନ୍ସ ସେବା ଏବେବି ଅପହଞ୍ଚ । ଗର୍ଭବତୀ ଭାର ସାହାଯ୍ୟରେ ୧୦ କିଲୋମିଟର ଦୂର ଅଣ୍ଡରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ୨୨ କିଲୋମିଟର ଦୂର ଆଳି ସିଏଚସିକୁ ଯାଉଛନ୍ତି । ସିଂହଗାଁ, ରାଉଳିଆଡ଼ିଆ ଓ କୃଷ୍ଣଦାସପୁର ରାଜସ୍ୱ ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ ଦମକଳ ପହଞ୍ଚି ପାରୁନାହିଁ । କେବଳ ଏତିକି ନୁହେଁ, ଏହି ୩ ରାଜସ୍ୱ ଗ୍ରାମର ଛାତ୍ରୀଛାତ୍ର ନିକଟସ୍ଥ ବ୍ରାହ୍ମଣୀ କଲେଜକୁ ଯିବା ପାଇଁ କଣ୍ଠିଆ ନାଳ ବାଧା ସୃଷ୍ଟି କରୁଛି । ବର୍ଷକ ମଧ୍ୟରେ ପ୍ରାୟ ୮ ମାସ ଯାତାୟତ ସମସ୍ୟାରେ ଥିବା ଏହି ୩ ରାଜ୍ୟସ୍ୱ ଗ୍ରାମର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବରୁ ସିଂହଗାଁ ସେତୁ ନିର୍ମାଣ ହୋଇପାରି ନ ଥିଲା । ଜାତୀୟ ଜଳପଥ ୫ ଏଥିପାଇଁ ବାଧକ ସାଜିଥିଲା । ଏସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ୨୦୦୮ରେ ଭାରତୀୟ ଆର୍ନ୍ତଦେଶୀୟ ଜଳପଥ ପ୍ରାଧୀକରଣ ଅଧୀନରେ ଥିବା ୬୨୩ କିଲୋମିଟର ଲମ୍ବର ୫ନଂ. ଜାତୀୟ ଜଳପଥ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ଏଥିମଧ୍ୟରୁ ପଶ୍ଚିମବଙ୍ଗରେ ୯୧ କିଲୋମିଟର ଥିବା ବେଳେ ଓଡିଶାରେ ଅବଶିଷ୍ଟ ୫୩୨ କିଲୋମିଟର ରହିଛି। ବ୍ରାହ୍ମଣୀ ନଦୀର ତାଳଚେରଠାରୁ



କଣ୍ଠିଆ ନାଳରେ ନିର୍ମାଣାଧୀନ ସେତୁ ( ଫାଇଲ ଫଟୋ)

ଧାମରା ପର୍ଯ୍ୟନ୍ତ ପ୍ରାଥମିକ ପର୍ଯ୍ୟାୟରେ ଉପଯୋଗୀ ପାଇଁ ଅର୍ଥ ଅନୁଦାନ ଦିଆଯାଇଛି । ଏହି ଜଳପଥ ପ୍ରକଳ୍ପ କେତେକ କାରଣରୁ ବନ୍ଦ ହୋଇଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବରୁ ଏହାର ଅଗ୍ରଗତି ହୋଇ ପାରୁନାହିଁ। ଏହି ଜଳପଥ ମଧ୍ୟରେ ସିଂହଗାଁ କଣ୍ଠିଆ ନାଳ ଅନ୍ତର୍ଭୁକ୍ତ ହୋଇଛି। ଏଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୮ରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ଉକ୍ତ ସେତୁ ନିର୍ମାଣ ସମୟରେ ଜାତୀୟ ଜଳପଥ ଅର୍ନ୍ତଭୁକ୍ତ ହେବାରୁ ତାହା ବନ୍ଦ ହୋଇଛି ।

ସିଂହଗାଁର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ଜେନା କହିଛନ୍ତି, ଏହି ସେତୁ ନିର୍ମାଣ ପରେ ୩ ରାଜସ୍ୱ ଗ୍ରାମର ୩ହଜାରରୁ ଉର୍ଦ୍ଧ୍ୱ ଅଧିବାସୀଙ୍କ ସମସ୍ୟା ତୁଟିଯିବ । କେନ୍ଦ୍ରାପଡ଼ା ସଦରକୁ ରାସ୍ତା ମିଳିବା ସହିତ କେନ୍ଦ୍ରାପଡା ଓ ଯାଜପୁର ଜିଲାର ସଂଯୋଗ ହେବ । ୨୦୦୮ରେ ସେତୁ ନିର୍ମାଣ ପାଇଁ କେତେକ ଜମି ସମସ୍ୟା ଦେଖା ଦେଇଥିଲା । ସରପଞ୍ଚ ଦାୟିତ୍ୱ ନେବା ପରେ ସ୍ଥାନୀୟ ଲୋକଙ୍କ ସହ ବୁଝାମଣା କରି ୨୦୧୨ରେ ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ହୋଇଛି । ଏହାପରେ ସେତୁ ନିର୍ମାଣ ବିଳମ୍ବକୁ ବରଦାସ୍ତ କରା ନ ଯାଇ ୨୦୧୫ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାରମ୍ବାର ଆନ୍ଦୋଳନ ହୋଇଛି । କଣ୍ଠିଆ ନାଳରେ ଏବେ କୁମ୍ଭୀର ଆତଙ୍କ ଦେଖାଦେଇଛି । ସେତୁ ନିର୍ମାଣ ହେଲେ କୁମ୍ଭୀର ଆତଙ୍କ କମିବ । ପୂର୍ବତନ ସରପଞ୍ଚ ଜୟନ୍ତୀ ଦାସ କହିଛନ୍ତି, ସିହଗାଁ ସେତୁ ନିର୍ମାଣ ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ବାଧା ସୃଷ୍ଟି କରିଛି । ଆବାସ ଯୋଜନାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, ପାନୀୟ ଜଳ ଆଦି ମୌଳିକ ସୁବିଧା ଲୋକଙ୍କ ପାଇଁ କାର୍ଯ୍ୟକାରୀ ହୋଇପାରୁନାହିଁ । ସେତୁ ନିର୍ମାଣ ପରେ ବହୁ ସମସ୍ୟାର ସମାଧାନ ହେବ । ଏଥିପାଇଁ ବହୁବାର ଆନ୍ଦୋଳନ ସହ ଉଚ୍ଚ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି ।

ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କୁହନ୍ତି, ସେତୁ ପାଇଁ ପ୍ରାଥମିକ ଅବସ୍ଥାରେ ବାଧା ସୃଷ୍ଟି କରୁଥିବା ଜମି ସମସ୍ୟାର ସମାଧାନ ହୋଇଛି । ଏହି ସ୍ଥାନ ଦେଇ ଜାତୀୟ ଜଳପଥ ଯାଉଥିବାରୁ ସିଂହଗାଁ ସେତୁ ନିର୍ମାଣ ବିଳମ୍ବ ହୋଇଛି । ତେବେ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ଏଡିଏମ୍ ସାମଲ ପ୍ରକାଶ କରିଛନ୍ତି ।

# ଉପଜିଲାପାଳଙ୍କ ସହ ଆଲୋଚନା ପରେ ଅନଶନ ପ୍ରତ୍ୟାହୃତ

ଡେରାବିଶ,୨୮।୯(ସ୍ୱ.ପ୍ର.)

ଡେରାବିଶରେ ସବ୍‌ରେଜିଷ୍ଟ୍ରାର ଅଫିସ୍ ଖୋଲିବା ଦାବିକରି କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଓ ସମ୍ପାଦକ କୃତିବାସ ଦାସଙ୍କ ନେତୃତ୍ୱରେ ସୋମବାରଠାରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ଆମରଣ ଅନଶନ ବୁଧବାର ପ୍ରତ୍ୟାହୃତ ହୋଇଛି। ପୂର୍ବାହ୍ନରେ ଉପଜିଲାପାଳ ନିରଞ୍ଜନ ବେହେରା ଓ ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ଅନଶନ ସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ସବ୍‌ରେଜିଷ୍ଟ୍ରାର ଅଫିସ୍ ଖୋଲିବା ପାଇଁ ସରକାରୀ ସ୍ତରରେ ଆରମ୍ଭ ହୋଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ସରକାରୀସ୍ତରରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିବା ଦିଗରେ ବିଜ୍ଞପ୍ତି ପ୍ରକାଶିତ ପାଇଛି । ଡେରାବିଶ ବ୍ଲକ ଅଞ୍ଚଳରେ ହେବାକୁ ଥିବା ସବ୍‌ରେଜିଷ୍ଟ୍ରାର ଅଫିସ ପାଇଁ ତୁରନ୍ତ ସ୍ଥାନ ନିରୁପଣ କରାଯିବ ବୋଲି ଉପଜିଲାପାଳ ବେହେରା ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନାକୁ ଦୃଷ୍ଟିରେ ରଖି ଅନଶନ ପ୍ରତ୍ୟାହାର କରିବା ପାଇଁ ଉପଜିଲାପାଳ ସମସ୍ତଙ୍କୁ ନିବେଦନ କରିଥିଲେ । ଏହି ଆଲୋଚନା ବେଳେ ଉପସ୍ଥିତ ଥିବା ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ଓ ଉପଜିଲାପାଳ ବେହେରା ଅନଶନରତ ବ୍ୟକ୍ତିଙ୍କୁ ଫଳରସ ପିଆଇବା ପରେ ଅନଶନ ପ୍ରତ୍ୟାହାର ହେଲା ବୋଲି ସଭାପତି ମିଶ୍ର ଘୋଷଣା କରିଥିଲେ।



ଆମରଣ ଅନଶନକାରୀଙ୍କ ସହ ଉପଜିଲାପାଳ କଥା ହେଉଛନ୍ତି।

**ସବ୍‌ରେଜିଷ୍ଟ୍ରାର ଅଫିସ୍ ଖୋଲିବା ଦାବିରେ ଆମରଣ ଅନଶନ ପ୍ରସଙ୍ଗ**

କେନ୍ଦ୍ରାପଡ଼ା ସହରରେ ଥିବା ସବ୍‌ରେଜିଷ୍ଟ୍ରାର ଅଫିସ ଉପରେ ଡେରାବିଶ ବ୍ଲକ ଅଞ୍ଚଳର ୨୬ ପଞ୍ଚାୟତବାସୀ ସେମାନଙ୍କ ଜମିଜମା ସଂକ୍ରାନ୍ତୀୟ ବିକ୍ରିଖର୍ଦ୍ଦି କବଲା ଓ ମ୍ୟୁଟେଶନ୍ ପଟ୍ଟା ଆଦପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେବେ ବ୍ଲକ ଅଧୀନ ଛତା ଠାରେ ଥିବା ତହସିଲ କାର୍ଯ୍ୟାଳୟ ନିକଟରେ ସବ୍‌ରେଜିଷ୍ଟ୍ରାର ଅଫିସ୍ ଖୋଲିବା ପାଇଁ ଜିଲା ଚାଷୀ ଶ୍ରମିକ ସଂଘ ଦୀର୍ଘ ଦିନରୁ ଦାବି କରିଆସୁଥିଲା । ପ୍ରଶାସନିକ ଅବହେଳାର ପ୍ରତିବାଦରେ ଏହି ଅନଶନ ଆରମ୍ଭ ହୋଇଥିଲା । ତେବେ ଏହି ଅନଶନରେ ଗୋବିନ୍ଦ ଚନ୍ଦ୍ର ବାରିକ, ଭିକାରୀ ଚରଣ ରାଉତ, ମାମିନା ସିଂ, ରତ୍ନମଞ୍ଜରୀ ଦାସ, କୃଷ୍ଣଚନ୍ଦ୍ର ଦାସ, ଜଗବନ୍ଧୁ ଜେନା, ଆଦିକନ୍ଦ ବଳ, ରବୀନ୍ଦ୍ର ମହାରଣାଙ୍କ ସମେତ ଶତାଧିକ ବ୍ୟକ୍ତି ସାମିଲ ହୋଇଥିବା ବେଳେ ଏହାକୁ ସମର୍ଥନ ଜଣାଇ ସମବାୟବିତ୍ ପ୍ରମୋଦ କୁମାର ସାହୁ, ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ରବି ସାମଲ, ଜିଲା ବିଜେଡ଼ିସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂ, ୧୨ ନଂ ଜୋନ୍ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀଙ୍କ ସମେତ ଶତାଧିକ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ ।

# ବ୍ଲକସ୍ତରୀୟ ନିଯୁକ୍ତି ମେଳା

ରାଜନଗର,୨୮।୯(ଡି.ଏନ.ଏ.)

ରାଜନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟା ଯୋଜନା ଅନ୍ତର୍ଗତ ବ୍ଲକ୍‌ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଓର୍‌ମାସ ସହଯୋଗ, ରାଜନଗର ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରଶିକ୍ଷଣ ସଂସ୍ଥାମାନ ଯୋଗଦେଇ ୧୮ରୁ ୩୫ବର୍ଷ ବୟସର ବେକାର ଯୁବତୀ, ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ମଣ୍ଡଳ ଉନ୍ନୟନ ଅଧିକାରୀ ରବିନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ୩୦ନଂ. ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ୩୨ନଂ. ଜିଲା ପରିଷଦ ସଭ୍ୟା ଖୁକୁମିନା କୁଅଁର, ଓର୍‌ମାସର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିରୋଦ କୁମାର ଜେନା ପ୍ରମୁଖ ଯୋଗଦେଇ ନିଯୁକ୍ତି ମେଳାର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ରାଜନଗର ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ ରଶ୍ମୀରଞ୍ଜନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବ୍ଲକ ସଂଯୋଜକ ନିହାର ରଞ୍ଜନ ବିଶ୍ୱାଳ ଓ ଅଜିତ କୁମାର ପଣ୍ଡା ସହଯୋଗ କରିଥିଲେ । ଏହି ମେଳାରେ ମୋଟ ୨୯୬ଜଣ ବେକାର ଯୁବତୀ,ଯୁବକଙ୍କୁ ପ୍ରଶିକ୍ଷଣ ପାଇଁ ମନୋନୀତ କରାଯାଇଛି ।




ନିଯୁକ୍ତି ମେଳାରେ ମଞ୍ଚାସୀନ ଅତିଥି।

# ୩୧୭ ମହିଳା ଗୋଷ୍ଠୀଙ୍କୁ ୧୦କୋଟି ୬୦ ଲକ୍ଷ ଟଙ୍କା ଋଣ



ଋଣ ମେଳାରେ ଜଣେ ମହିଳା ଗୋଷ୍ଠୀ ସଦସ୍ୟଙ୍କୁ ଚେକ୍ ପ୍ରଦାନ କରାଯାଉଛି ।

ମହାକାଳପଡ଼ା,୨୮।୯(ଡି.ଏନ୍.ଏ.)

**ବ୍ଲକସ୍ତରୀୟ ଋଣ ମେଳା**

ଗ୍ରାମାଞ୍ଚଳ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀର ବିକାଶ ପାଇଁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଗାଁର ମହିଳାମାନେ ସ୍ୱାବଲମ୍ବୀ ହେବା ପାଇଁ ରାଜ୍ୟ ସରକାର ଋଣ ପ୍ରଦାନର ବ୍ୟବସ୍ଥା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର କେନ୍ଦ୍ରାପଡ଼ା ଜିଲା ମହାକାଳାପଡ଼ା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମହିଳା ଋଣ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବ୍ଲକର ୩୧ ପଞ୍ଚାୟତର ୩୧୭ ମହିଳା ଗୋଷ୍ଠୀଙ୍କୁ ୧୦ କୋଟି ୬୦ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ବ୍ଲକର ୧୧ ଜାତୀୟକରଣ ବ୍ୟାଙ୍କ ମାଧ୍ୟମରେ ପ୍ରତି ମହିଳା ଗୋଷ୍ଠୀକୁ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କଳ୍ପନା ରାଉତ, ବିଡିଓ ଦେବାଶିଷ ରାଉତ, ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ମହାକାଳପଡ଼ା ପିଏନ୍‌ବି ବ୍ୟାଙ୍କ ଶାଖା ପରିଚାଳକ କେଶବ ସାହୁ, ବ୍ଲକ ମିଶନ ଶକ୍ତିର ମନିଷା ବାରିକ, ୱେଲଏମ୍‌ର ସମ୍ପର୍ଣ୍ଣା ପତି, ପ୍ରଭାତ ମଲିକଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୩ ଶହରୁ ଊର୍ଦ୍ଧ୍ୱ ମହିଳା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। ଋଣ ନେଉଥିବା ଗୋଷ୍ଠୀର ମହିଳାଙ୍କୁ ଠିକ୍ ସମୟରେ ପରିଶୋଧ କଲେ କ'ଣ ଲାଭ ମିଳିବ ଅତିଥିମାନେ ବୁଝାଇ ଥିଲେ।

# ହବିଳିସାହିରେ କାଳିକା ନୃତ୍ୟ, ବଙ୍ଗାଳିସାହିରେ ମହିଳାଙ୍କ ସିନ୍ଦୁର କେଳି

ଡେରାବିଶ, ୨୮।୯(ସ୍ୱ.ପ୍ର.)

ମା'ଙ୍କ ଶାରଦୀୟ ଦୁର୍ଗାପୂଜା ଆଉମାତ୍ର ୩ଦିନ ରହିଲା। ବିଭିନ୍ନ ମଣ୍ଡପରେ ପ୍ରସ୍ତୁତି ଜୋରଦାର ଚାଲିଛି। କେନ୍ଦ୍ରାପଡ଼ା ଜିଲା ଇନ୍ଦୁପୁରଠାରେ କେଉଁ ଆବାହମାନରୁ ଦୁର୍ଗାପୂଜା ପ୍ରସିଦ୍ଧି ଲାଭ କରିଛି। ଏହି ଅଞ୍ଚଳରେ ବିଭିନ୍ନ ସାହି ଓ ବଜାରରେ ୧୫ଟି ମା'ଙ୍କ ମୂର୍ତ୍ତି ସହ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ପୂଜା ପାଇଥାନ୍ତି। ହବିଳିସାହିରେ ନବମୀରେ କାଳିକ ନୃତ୍ୟ ମୁଖ୍ୟ ଆକର୍ଷଣ ସାଜିଥିବା ବେଳେ ବଙ୍ଗାଳିସାହିରେ ମହିଳାମାନେ ଦଶମୀରେ ସିନ୍ଦୁର କେଳି କରିଥାନ୍ତି।

ଲୋକଶ୍ରୁତି ଅନୁଯାୟୀ, ଇନ୍ଦୁପୁର ଗାଁର ପଣ୍ଡିତ ଚନ୍ଦ୍ରମଣୀ ଚକ୍ରବର୍ତ୍ତୀ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଘରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ପୂଜା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ କିଛିବର୍ଷ ପାଇଁ ଏ ପୂଜା ବନ୍ଦ ହୋଇଥିଲା। ପୁଣି ସାହି ଲୋକଙ୍କ ଉଦ୍ୟମକ୍ରମେ ମା'ଙ୍କ ପୂଜା ପାଳିତ ହେଉଛି। ସେହିପରି ଇନ୍ଦୁପୁର ହବିଳିସାହିର ଦୁର୍ଗାପୂଜା ଏହାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଥାନପତି ମେଢ ଭାବେ ପରିଚିତ ଥିବା ଏହି ପୂଜା ୧୦୦ବର୍ଷ ଧରି ପାଳିତ ହୋଇଆସୁଛି। ଏ ବିଷୟରେ ଶିକ୍ଷାବିତ୍ ତ୍ରିଲୋଚନ ଜେନା କୁହନ୍ତି, ଗାଁ ନିକଟ ବିରୁପା ନଦୀରେ କାଠରେ ନିର୍ମିତ ମେଢ ଭାଶୁଥିବା ଦେଖି ଆମ ପୂର୍ବପୁରୁଷ ସାହି ମଧ୍ୟରେ ମା'ଙ୍କ






ଇନ୍ଦୁପୁର ହବିଳିସାହି ପୂଜା ମଣ୍ଡପ।



ବଙ୍ଗାଳୀ ସାହି ପୂଜା ମଣ୍ଡପ

ପୂଜା ଆରମ୍ଭ କରିଥିଲେ। ସାହିରେ ଥିବା ୩୦୦ ପରିବାରଙ୍କ ମଧ୍ୟରୁ ୮୦ରୁ ଊର୍ଦ୍ଧ୍ୱ ପରିବାର କ୍ଷେତ୍ରୀୟ ଅଟନ୍ତି। ମା'ଙ୍କ ଆୟୁଧ ଭାବେ ପୂଜା ପାଉଥିବା ଖଣ୍ଡା କ୍ଷତ୍ରୀୟମାନଙ୍କ ମୁଖ୍ୟ ସନ୍ତକ। ପ୍ରତ୍ୟେକ କ୍ଷେତ୍ରୀୟ ପରିବାରରୁ ଖଣ୍ଡା ମା'ଙ୍କ ନିକଟରେ ପୂଜା ପାଇଥାଏ। ଏଥିସହ ପରମ୍ପରା ଅନୁଯାୟୀ, ନବମୀ ତିଥିରେ ରାତି ୧୨ଟାରେ ମା'ଙ୍କ ନିକଟରେ କାଳିକା ନୃତ୍ୟ ବିଶେଷ ପରମ୍ପରା। କାଳୀକା ନୃତ୍ୟ ପାଇଁ ଉଦ୍ଦିଷ୍ଟ ବ୍ୟକ୍ତି ଜଣକ ନିଷ୍ଠାର ସହ ଉପବାସ ରହି ମା'ଙ୍କ ନିକଟରେ ନୃତ୍ୟ ପରିବେଶଣ କରିଥାନ୍ତି। ସେହିପରି ଇନ୍ଦୁପୁରର ବଙ୍ଗାଳୀ ସାହିରେ ମା'ଙ୍କ ପୂଜା ଅତି ପ୍ରାଚୀନ। ଏହି ପୂଜା ବଙ୍ଗୀୟ ମତରେ ହୋଇଥାଏ। ପ୍ରଥମେ ମା'ଙ୍କ ପୂଜା ପୂର୍ବ ବଂଶଧର ଜଗବନ୍ଧୁ ହାଜରା, ଜଗବନ୍ଧୁ ମଜୁମଦାର, ରମେଶ ଚନ୍ଦ୍ର ବୋଷ, ଆନନ୍ଦ ଚନ୍ଦ୍ର ହାଜରା, ଉଦ୍ଧବ ବୋଷ ଆରମ୍ଭ କରିଥିଲେ। ଏହି ପୂଜା ୪ଦିନ ଧରି ହେଉଥିବା ବେଳେ ସାହିରେ ଥିବା ୬୦ରୁ ଊର୍ଦ୍ଧ୍ୱ ପରିବାରର ସଦସ୍ୟମାନେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ପୂଜାର ବିଶେଷତ୍ୱ ହେଲା ସାହିର ଜଣେ ବୟସ୍କ ମହିଳା ପୂଜା ଆରମ୍ଭରୁ ଶେଷଯାଏ ଉପବାସ ରହିଥାନ୍ତି। ଦଶହରା ତିଥିରେ ମା'ଙ୍କ ବିସର୍ଜନ ସମୟରେ ମା'ଙ୍କୁ ଆଞ୍ଜୁଳି ଦେଇ ବିଦାୟ ଦେଇଥାନ୍ତି। ପରେ ମହିଳା ଜଣଙ୍କ ଅନ୍ନଜଳ ଗ୍ରହଣ କରିଥାନ୍ତି। ତେବେ ମା'ଙ୍କୁ ନିଜ ଝିଅ ଭାବି ୪ ଦିନ କାଳ ମହିଳାମାନେ ସତ୍କାର କରିବା ସହ ନୈବେଦ୍ୟ ଅର୍ପଣ କରିଥାନ୍ତି। ଏହି ପୂଜାର ଶେଷଦିନ ଓ ଦଶହରା ତିଥିରେ ମହିଳାମାନଙ୍କ ସିନ୍ଦୁର କେଳି ଏକ ସ୍ୱତନ୍ତ୍ର ପରମ୍ପରା। ଏଠାରେ ଏକାଦଶୀ ତିଥିରେ ଆରାଧ୍ୟା ଦେବୀ ମା' ଚଣ୍ଡିଙ୍କ ପୀଠରେ ମେଳଣ ଉତ୍ସବ ହୋଇଥାଏ। ଏହି ମେଳଣର ଥାନପତି ଭାବେ ହବିଳିସାହିର ଦୁର୍ଗାମେଢ ପ୍ରଥମେ ଉପବେସନ ପରେ ଇନ୍ଦୁପୁର ଓ ଧୁମାନ୍ତ ଅଞ୍ଚଳର ଅନ୍ୟ ମେଢ ଶୋଭାଯାତ୍ରା ମଧ୍ୟରେ ପଡିଆକୁ ଆସିଥାନ୍ତି। ପରଦିନ ରାତି ୧୦ଟା ସୁଧା ଥାନପତିଙ୍କ ମେଢ ପକ୍ଷରୁ ସମସ୍ତ ମେଢ ନିକଟରେ ଭୋଗ ଲାଗି ହେବା ପରେ ବିସର୍ଜନ ପାଇଁ ବିରୂପା ନଦୀକୁ ଯାଇଥାନ୍ତି। ଚଳିତବର୍ଷ ଏହି ମେଳଣକୁ ଶୃଙ୍ଖଳିତ କରିବାକୁ ଶାନ୍ତି କମିଟି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ଉପଦେଷ୍ଟା ଡ. ବିରଞ୍ଚି ନାରାୟଣ ଜଗଦ୍ଦେବ କହିଛନ୍ତି। କେଉଁ ସମୟରେ କେଉଁ ମେଢ ମେଳଣ ପଡିଆକୁ ପ୍ରବେଶ କରିବେ। ସେଥିପାଇଁ ଶାନ୍ତି କମିଟି ବୈଠକରେ ସ୍ଥିରୀକୃତ ହୋଇଥିବା କମିଟି ସଭାପତି ତଥା ଇନ୍ଦୁପର ସରପଞ୍ଚ ପ୍ରଦୀପ ରଞ୍ଜନ ସୂତାର କହିଛନ୍ତି। ତେବେ ପୂଜାକୁ ଅଧିକ ଶୃଙ୍ଖଳିତ କରିବାକୁ ଅକ୍ଟୋବର ୧ରୁ ୭ ଦିନ ଧରି ନିକିରାଇ ଥାନା ପକ୍ଷରୁ ପୋଲିସ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଏକ ଅସ୍ଥାୟୀ ଶିବିର ପକାଯାଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରାଯିବା ପାଇଁ ସମସ୍ତ ବ୍ୟବସ୍ଥା ଶେଷ ହୋଇଥିବା ନେଇ କମିଟିର ଉପଦେଷ୍ଟା ଶିକ୍ଷାବିତ୍ ନୀଳମାଧବ ପତି କହିଛନ୍ତି।

## ସଂକ୍ଷେପରେ

### ୨ ହାଇୱା ଜବତ, ଡ୍ରାଇଭର ଗିରଫ

ଧର୍ମଶାଳା,୨୮।୯(ଡି.ଏନ.ଏ.): ଧର୍ମଶାଳା ତହସିଲ ତଥା ଜେନାପୁର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥ ଚଢ଼େଇଧରା ନିକଟରେ ମଙ୍ଗଳବାର ରାତିରେ ପୋଲିସ ପାଟ୍ରୋଲିଂ କରିବା ସମୟରେ ୨ଟି କଳାପଥର ବୋଝେଇ ହାଇୱା ଜବତ କରିବା ସହ ସମ୍ପୃକ୍ତ ଗାଡ଼ିର ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ଅଧିକାରୀ ଉମକାନ୍ତ ନାୟକ ସହକର୍ମୀଙ୍କ ସହ ପାଟ୍ରୋଲିଂ କରୁଥିବା ବେଳେ କଳାପଥର ପରିବହନ କରୁଥିବା ଓଡି-୦୪-ଆର-୭୪୩୮ ଏବଂ ଓଡି-୦୪-ଆର-୭୪୦୪ ହାଇୱାକୁ ଅଟକାଇ ଯାଞ୍ଚ କରିଥିଲେ। ହେଲେ ଡ୍ରାଇଭର ଆବଶ୍ୟକ କାଗଜପତ୍ର ଦେଖାଇପାରି ନ ଥିଲେ। ଫଳରେ ପୋଲିସ ହାଇୱା ୨ଟିକୁ ଜବତ କରିବା ସହ ଡ୍ରାଇଭର ଇନ୍ଦ୍ରମଣି ହାଂସଦା(୨୬) ଓ ଶିବୁ ସୋରେନ(୨୭)ଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୨୬୮/୨୨ରେ ଏକ ମାମଲା ରୁଜୁ ହୋଇଛି। ଡ୍ରାଇଭରଦ୍ୱୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ନାୟକ ସୂଚନା ଦେଇଛନ୍ତି।

### ଗାଡ଼ି ଧକ୍କାରେ ଷଣ୍ଢର ମୃତ୍ୟୁ

ପାଣିକୋଇଲି,୨୮।୯(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଦାଶ ହୋଟେଲ ସମ୍ମୁଖରେ ଅଜଣା ଗାଡି ଧକ୍କାରେ ଏକ ଷଣ୍ଢର ମୃତ୍ୟୁ ହୋଇଛି। ମଙ୍ଗଳବାର ରାତିରେ ଦୁର୍ଘଟଣାରେ ଷଣ୍ଢ ଗୁରୁତର ହୋଇଥିଲା। କିଛି ସ୍ୱେଚ୍ଛାସେବୀ ସେଠାରେ ପହଞ୍ଚି ଷଣ୍ଢକୁ ଡାକ୍ତରଖାନା ନେଇଥିଲେ। ବୁଧବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଛି। ରାଜପଥ ପାଟ୍ରୋଲିଂ ପୋଲିସ ଷଣ୍ଢଟିର ସତ୍କାର କରିଛି।

### ମନୋଜ ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି



ରସୁଲପୁର,୨୮।୯(ଡି.ଏନ.ଏ.): ଯାଜପୁର ଜିଲା ଯୁବ ବିଜେଡିର ସାଂଗଠନିକ ପଦବୀରେ ପରିବର୍ତ୍ତନ କରାଯାଇଛି। ଏହିକ୍ରମରେ ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ଭାବେ ମନୋଜ କୁମାର ରାଉତଙ୍କୁ ମନୋନୀତ କରାଯାଇଛି। ଯାଜପୁର ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଦାୟିତ୍ୱରୁ ତାଙ୍କୁ ହଟାଇ ଏହି ପଦବୀରେ ଆସୀନ କରାଯାଇଛି। ଏହାକୁ ନେଇ ମନୋଜ ଖୁସି ବ୍ୟକ୍ତ କରିବା ସହ ତାଙ୍କ ଉପରେ ଆସ୍ଥା, ବିଶ୍ୱାସ ଓ ଭରସା ଜୁଟାଇଥିବାରୁ କୋରେଇ ବିଧାୟକ ଅଶୋକ କୁମାର ବଳ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ଜନହିତକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ଦଳୀୟ ସଂଗଠନକୁ ତୃଣମୂଳସ୍ତରରୁ ମଜଭୁତ୍ କରିବାକୁ ପ୍ରୟାସ କରିବେ ବୋଲି ସେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏହି ଖବର ବ୍ଲକର ଯୁବକମାନଙ୍କ ମଧ୍ୟରେ ଖୁସିର ଲହରି ଖେଳାଇ ଦେଇଛି। ବିଭିନ୍ନ ପଞ୍ଚାୟତରୁ ମନୋଜଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଜନପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି ତାଲିମ

### ରସୁଲପୁର ବ୍ଲକ ଅଞ୍ଚଳ ବୁଲିଲେ ଧର୍ମଶାଳାର ୪୫ ସମିତି ସଭ୍ୟାସଭ୍ୟ

ରସୁଲପୁର,୨୮।୯(ଡି.ଏନ.ଏ.)



ଜନପ୍ରତିନିଧିମାନଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱାଗତ କରାଯାଉଛି।

ଧର୍ମଶାଳା ବ୍ଲକର ୪୫ ସମିତିସଭ୍ୟାସଭ୍ୟ ରସୁଲପୁର ବ୍ଲକ୍ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବ୍ଲକ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଛି। ପ୍ରଥମାର୍ଦ୍ଧରେ ବ୍ଲକ ସମ୍ମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ଶିବିରାର୍ଥୀ ଉନ୍ନୟନ କାର୍ଯ୍ୟ ଦେଖିବାକୁ କ୍ଷେତ୍ର ପରିଦର୍ଶନ କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର କାର୍ଯ୍ୟକାରିତା ଓ ତା'ର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ଲକ ଅଧୀନ ପ୍ରାଣୀ ଚିକିତ୍ସା, ମିଶନଶକ୍ତି, ଶିକ୍ଷା, ମହିଳା ଓ ଶିଶୁ ବିକାଶ ଆଦି ବିଭାଗର ସମ୍ବଳ ଅଧିକାରୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରିତାରେ ଜନପ୍ରତିନିଧିଙ୍କ ଥିବା ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସମ୍ମାନିତ ଅତିଥି ପ୍ରଶିକ୍ଷକ ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରସୁଲପୁର ବ୍ଲକର ସଫଳତା ଦିଗକୁ ଅନୁଧ୍ୟାନ କରି ତାହାକୁ ପଞ୍ଚାୟତଗୁଡ଼ିକରେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାର ବିଭିନ୍ନ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜରିଆରେ ସୃଷ୍ଟି ହୋଇଥିବା ବହୁମୁଖୀ ସୁବିଧା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଅତିଥି ସେମାନଙ୍କ ଅଭିଜ୍ଞତା ବଖାଣିଥିଲେ। ବିଡିଓ ଅବନିକାନ୍ତ ସାହୁ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ବ୍ଲକସ୍ତରୀୟ ଅଧିକାରୀ ସେମାନଙ୍କ ବିଭାଗ ସମ୍ପର୍କରେ କହିଥିଲେ।

ଶିବିରାର୍ଥୀ ସମ୍ବଳ ଅଧିକାରୀଙ୍କୁ ନାନା ପ୍ରଶ୍ନ ପଚାରି ବିଭିନ୍ନ ଯୋଜନାକୁ ନେଇ ସେମାନଙ୍କ ମନରେ ରହିଥିବା ସନ୍ଦେହ ଦୂର କରିଥିଲେ। କ୍ଷେତ୍ର ପରିଦର୍ଶନବେଳେ ଶିବିରାର୍ଥୀ ଶ୍ରୀବନ୍ତପୁର ପଞ୍ଚାୟତର କାଣ୍ଡସରାଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିର୍ମାଣ ହୋଇଥିବା ପୋଖରୀ, ୫-ଟିରେ ରୂପାନ୍ତରିକରଣ କଲଣ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଦନେଇପୁର ପାର୍କ ଆଦି ବୁଲି ଦେଖିଥିଲେ। ଅପରାହ୍ନରେ ଶିବିରାର୍ଥୀ ବ୍ଲକ ପରିସରରୁ ବିଦାୟ ନେଇଥିଲେ। ପ୍ରକାଶଥାଉକି, ଯାଜପୁର ଜିଲା ସମ୍ବଳ କେନ୍ଦ୍ରରେ ଜନପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି ପାଇଁ ୫ ଦିନିଆ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ୪ର୍ଥ ଦିନରେ ଶିବିରାର୍ଥୀଙ୍କୁ ଏକ୍ସୋପୋଜର ଭିଜିଟ୍ ଭାବେ ଜିଲାର ଅନ୍ୟ ବ୍ଲକକୁ ନିଆଯାଉଛି।

# ଏନ୍‌ଜିଟି ଆଦେଶ ମାନୁନି ଠିକା ସଂସ୍ଥା

### ବ୍ୟାସ ସରୋବରରେ କାମ ଚାଲୁଥିବା ଅଭିଯୋଗ

କଳିଙ୍ଗନଗର, ୨୮।୯(ଡି.ଏନ.ଏ.)

ଯାଜପୁର ଜିଲାର ଐତିହ୍ୟ ସମ୍ପନ୍ନ ବ୍ୟାସସରୋବର ପୀଠରେ ଚାଲିଥିବା ସୌନ୍ଦର୍ଯ୍ୟକରଣ ଓ ସରୋବର ଖନନ କାର୍ଯ୍ୟ ବନ୍ଦ ରଖିବାକୁ ଜାତୀୟ ସବୁଜ ପ୍ରାଧିକରଣ(ଏନଜିଟି) ପକ୍ଷରୁ ତା: ୭-୯-୨୦୨୨ରେ ନିର୍ଦ୍ଦେଶ ହୋଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ବନ୍ଦ ରଖିବାକୁ ଏଥିରେ ଉଲ୍ଲେଖ ରହିଛି। ମାତ୍ର ଏହାକୁ ଉଲ୍ଲଂଘନ କରାଯାଇ ସେଠାରେ କାମ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଏନଜିଟି ଯେଉଁ ଜମି ଉପରେ ରହିତାଦେଶ ଦେଇଛନ୍ତି ସେଠାରେ ସମ୍ପୃକ୍ତ ଠିକା ସଂସ୍ଥା କାର୍ଯ୍ୟ ଚଳାଇ ଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ସରୋବର ଅନ୍ତର୍ଗତ ମୁଣ୍ଡମାଳ ମୌଜା ଖାତା ନମ୍ବର ୪୦ ଓ ପ୍ଲଟ ନମ୍ବର ୫୨ରେ ଠିକା ସଂସ୍ଥା ମେସିନ ସାହାଯ୍ୟରେ ଫେଵର ବ୍ଲକ ନିର୍ମାଣ କରୁଛି। ଫଳରେ ଏନଜିଟିର ନିର୍ଦ୍ଦେଶ ଉଲ୍ଲଂଘନ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝି କହିଛନ୍ତି, ଏନେଇ ତାଙ୍କ ପାଖରେ ସୂଚନା ନାହିଁ। ଅଭିଯୋଗ ହେଲେ ସରଜମିନ ତଦନ୍ତ କରିବେ। ସୂଚନାଯୋଗ୍ୟ ଯେ, ବ୍ୟାସସରୋବର ସୌନ୍ଦର୍ଯ୍ୟକରଣ ପାଇଁ ଚାଲିଥିବା କାମରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ଦିଗକୁ ଅଣଦେଖା କରାଯାଇଥିବା ଏବଂ ଗ୍ରାମସଭାରେ ଚଞ୍ଚକତା କରାଯାଇଥିବା ଏନଜିଟିରେ ଅଭିଯୋଗ ହୋଇଥିଲା।

# ଜେନାପୁରରେ ଅଭିଯୋଗ ଶୁଣାଣି ଶିବିର



ପଞ୍ଚାୟତରେ ଜନଶୁଣାଣି କରାଯାଉଛି।

ଜେନାପୁର,୨୮।୯(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ପରିସରରେ ଏକ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସିପାଲତା ମଲିକଙ୍କ ଆବାହନରେ ଅନୁଷ୍ଠିତ ଶିବିରରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ,୧୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ପଞ୍ଚାୟତ ବିଜେଡି ସଭାପତି ଦିଲୀପ ବରାଳ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ୧୭୮ଟି ଅଭିଯୋଗପତ୍ର ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୧୧ଟି ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ପର୍ଯ୍ୟାୟ କ୍ରମେ ସମାଧାନ କରାଯିବା ସହ ପ୍ରତି ମାସରେ ଏହିପରି ଶିବିର ଅନୁଷ୍ଠିତ ହେବ ବୋଲି ସରପଞ୍ଚ ମଲିକ ପ୍ରକାଶ କରିଥିଲେ।

ଶିବିରରେ ପିଇଓ ରଞ୍ଜନ କୁମାର ଦାସ, ଜିଆରଏସ୍ ନିର୍ମଳ ପୃଷ୍ଟି ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ସ୍ଥାନୀୟ ଜେନାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ବହିଃବିଭାଗ ଗୃହକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ଜିଲା ସମ୍ପାଦକ ସଞ୍ଜୟ କୁମାର ନାୟକ, ଯୁବ ବିଜେଡି ସଭାପତି ଜୀବନ କାରଣ, ଛାତ୍ର ବିଜେଡି ସଭାପତି କାର୍ତ୍ତିକ ସ୍ୱାଇଁ, ଡାକ୍ତର ସତ୍ୟଜିତ ସାହୁ ଓ ଆୟୁଷ ଡାକ୍ତର ସୂର୍ଯ୍ୟମଣି ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ୩ୟ ଦିବସରେ ଗଡ଼ିଲା ମା' ବିରଜାଙ୍କ ସିଂହଧ୍ୱଜ ରଥ

ଯାଜପୁର ଟାଉନ,୨୮।୯(ଡି.ଏନ.ଏ.)



ମା'ବିରଜାଙ୍କ ରଥଯାତ୍ରାର ୩ୟ ଦିବସ ବୁଧବାର ସମାପନ ହୋଇଛି। ସକାଳ ୭ଟାରେ ୩୦ରୁ ଊର୍ଦ୍ଧ୍ୱ ଶାସନ ବ୍ରାହ୍ମଣ ଆଣିଥିବା ବୈତରଣୀ ଜଳରେ ମା'ଙ୍କ ସ୍ନାନ କରାଯାଇଥିଲା। ପରେ ଗର୍ଭ ଗୃହକୁ ଭକ୍ତ ପ୍ରବେଶ କରି ମା'ଙ୍କୁ ଦର୍ଶନ କରିଥିଲେ। ଏହାପରେ ସାଧାରଣ ବେଶ, ଚନ୍ଦନ ବେଶ ଓ ବାଲ୍ୟ ଭୋଗ କରାଯାଇଥିଲା। ଦିନ ୧୨ଟାରେ ପୂଜାର ଆୟୋଜନ କରାଯାଇ ୩ଟାରେ ସମାପନ କରାଯାଇଥିଲା। ପରେ କଳସପୂଜା ଓ ରଥ ଉପରେ ପଞ୍ଚୋପଚାର ପୂଜା କରାଯାଇ ୩ଟା୩୦ରେ ପହଡ଼ କରାଯାଇଥିଲା। ୪ଟା ୪୫ରେ ପହଡ଼ ଖୋଲାଯାଇ ରଥଯାତ୍ରାର ଆୟୋଜନ କରାଯାଇଥିଲା। ରଥ ଉପରକୁ ଆର୍ଶା ଦଣ୍ଡ, ଛତ୍ର, ତରାଶ, ଚାମର ବିଜେ କରିବା ପରେ ସେବାୟତ ରଥଚାଳନା ଆରମ୍ଭ କରିଥିଲେ। ୧ ବେଢ଼ାରୁ ଊର୍ଦ୍ଧ୍ୱ ରଥ ଚାଳନା କରାଯାଇ ଦକ୍ଷିଣ ପଶ୍ଚିମ ଦିଗରେ ରଥ ରଖାଯାଇଛି। ରଥରୁ ଆର୍ଶାଦଣ୍ଡ ଆସିବା ପରେ ସନ୍ଧ୍ୟାରେ ମା'ଙ୍କ ଆଳତି କରାଯାଇ ରାତି ୮ଟା୩୦ରେ ଷୋଡ଼ଶୋପଚାର ପୂଜା କରାଯାଇଛି। ରାତ୍ରି ଓ ଦିନ ପୂଜା କାର୍ଯ୍ୟକୁ ପୁରୋଧା ସରୋଜ କୁମାର ପତି, ବିରଜା କିଙ୍କର ପତି ସମାପନ କରିଥିଲେ। ୨ବର୍ଷ ଧରି କରୋନା କଟକଣା ଯୋଗୁ ଭକ୍ତ ରଥଯାତ୍ରାରେ ସାମିଲ ହୋଇ ପାରି ନ ଥିଲେ। ୩ୟ ଦିବସରେ ହଜାର ହଜାର ପୁରୁଷ ଓ ମହିଳା ଭକ୍ତ ଆନନ୍ଦ ଉଲ୍ଲାସର ସହିତ ହରିବୋଲ ହୁଳହୁଳି ଦେଇ ରଥକୁ ଟାଣି ନେଇଥିଲେ। ପୋଲିସ ପ୍ରଶାସନର ସମସ୍ତ କାର୍ଯ୍ୟକୁ ଏସଡିପିଓ ସନ୍ତୋଷ କୁମାର ଉପାଧ୍ୟାୟ, ଯାଜପୁର ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ଜେନା ପରିଚାଳନା କରିଥିଲେ। ଅନେକ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ହୃଦ୍‌ରୋଗ ପରୀକ୍ଷା ଶିବିର

ଯାଜପୁର ଟାଉନ,୨୮।୯(ଡି.ଏନ.ଏ.)

ଯାଜପୁରସ୍ଥିତ ବିରଜାକ୍ଷେତ୍ର ରୋଟାରୀ କ୍ଲବ ପକ୍ଷରୁ ଏକ ମାଗଣା ହୃଦ୍‌ରୋଗ ଚିକିତ୍ସା ଶିବିର ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ଲବ ଏବଂ ଆପୋଲୋ ହସ୍ପିଟାଲ ମିଳିତ ଉଦ୍ୟମରେ ଅନୁଷ୍ଠିତ ଶିବିରକୁ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଖୁବ କମ୍ ଦିନ ମଧ୍ୟରେ ଉକ୍ତ କ୍ଲବଟି ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ କରି ସମସ୍ତଙ୍କ ଭରସାଯୋଗ୍ୟ ଅନୁଷ୍ଠାନ ଭାବେ ନିଜକୁ ପ୍ରତିପାଦିତ କରିପାରିଛି ବୋଲି ମୁଖ୍ୟଅତିଥି କହିବା ସହିତ ଜିଲାର ବିଭିନ୍ନ ଅଞ୍ଚଳରେ କ୍ଲବ ପକ୍ଷରୁ ଦୂରାରୋଗର ପରୀକ୍ଷା, ଚିକିତ୍ସା ଏବଂ ନିରାକରଣ ନିମନ୍ତେ ଶିବିର କରିବାକୁ ସେ ଆହ୍ୱାନ ଦେଇଥିଲେ। ଉପରୋକ୍ତ ଶିବିରରେ ୨୦୦ରୁ ଅଧିକ ହୃଦରୋଗୀଙ୍କ ଚିକିତ୍ସା କରାଯାଇଥିଲା। କାର୍ଡିଓଲୋଜିଷ୍ଟ ଡା. ପ୍ରେମାନନ୍ଦ ପଟ୍ଟନାୟକ, ଭେଷଜ ବିଶେଷଜ୍ଞ ସଚ୍ଚିଦାନନ୍ଦ ନାହକ ରୋଗୀଙ୍କ ଚିକିତ୍ସା କରିଥିଲେ। କ୍ଲବ ସଭାପତି ସରୋଜ ଚନ୍ଦ୍ର ରାୟ, ସମ୍ପାଦକ ସୌଭାଗ୍ୟ ନାୟକ, ବରିଷ୍ଠ ସଭ୍ୟ ରଶ୍ମିରଞ୍ଜନ ମହାନ୍ତି, ଅକ୍ଷୟ କୁମାର ପରିଡ଼ା, ରବୀନ୍ଦ୍ର ପରିଡା, ପରେଶ ମଲ୍ଲିକ, ନନ୍ଦ କିଶୋର ସାହୁ, ବଳରାମ ମହାନ୍ତି, ଅନ୍ତର୍ଯ୍ୟାମୀ ନାୟକ ଓ ସୂର୍ଯ୍ୟମଣି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବିରଜା ସ୍କୁଲ ଅଫ ନର୍ସିଂ କଲେଜର ଛାତ୍ରୀଙ୍କ ସମେତ ଭଦ୍ରକ ଓ ଜାରକା ରୋଟାରୀ କ୍ଲବର ଅନେକ ସଦସ୍ୟ ଉପସ୍ଥିତ ରହି ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ସହାୟତା କରିଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବ୍ଲକ୍ ଅଧ୍ୟକ୍ଷା, ବିଧାୟକଙ୍କ ପ୍ରତିନିଧି



ଯାଜପୁର ଟାଉନ,୨୮।୯(ଡି.ଏନ.ଏ.)

ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତଥା ସଦର ବ୍ଲକ୍ ଅଧୀନ ନାଥସାହି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଛି। ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବ ପ୍ରସାଦ ଦାସ ନାଥସାହି ପଞ୍ଚାୟତ ଗସ୍ତ କରି ବ୍ଲକ୍ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଓ ସରପଞ୍ଚ ସସ୍ମିତା ପହିଙ୍କୁ ନେଇ ଏକ ବୈଠକ କରିଛନ୍ତି। ଏଥିରେ କନିଷ୍ଠ ଯନ୍ତ୍ରୀ ସତିଶ କୁମାର ରାୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ପଟ୍ଟନାୟକ, ସ୍ଥାନୀୟ ଜିଆରଏସ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ ସାମିଲ ହୋଇ ବିଧାୟକଙ୍କ ପ୍ରତିନିଧିଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଚାଲିଥିବା ଉନ୍ନୟନ କାର୍ଯ୍ୟର ଦାସ ସମୀକ୍ଷା କରିଥିଲେ। ପଞ୍ଚାୟତକୁ କିପରି ସଫଳତାର ଶୀର୍ଷରେ ପହଞ୍ଚାଇ ହେବ ସେଥିପାଇଁ ଦଳ ମତ ଗୋଷ୍ଠୀରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ଉଦ୍ୟମ କରିବାକୁ ଦାସ ପରାମର୍ଶ ଦେଇଥିଲେ।

# ଯାଜପୁର ବିଜୁ ଯୁବ ଜନତା ଦଳର ନୂତନ କମିଟି

ଯାଜପୁର ଟାଉନ,୨୮।୯ (ଡି.ଏନ.ଏ.)

ଯାଜପୁର ବିଜୁ ଯୁବ ଜନତା ଦଳର ନୂତନ କମିଟି ଗଠନ କରାଯାଇଛି। ଯାଜପୁର ଜିଲା ବିଜୁ ଯୁବ ଜନତା ଦଳର ସଭାପତି ପ୍ରତାପ ମହାନ୍ତିଙ୍କ ସୁପାରିସ କ୍ରମେ ରାଜ୍ୟ ସଭାପତି ବ୍ୟୋମକେଶ ରାୟ ନୂତନ କମିଟି ଗଠନ କରି ଘୋଷଣା କରିଛନ୍ତି। ଏହି କମିଟିରେ ୧୩ ଉପସଭାପତି, ୧ ସୋସିଆଲ ମିଡିଆ ସମ୍ପାଦକ, ୧୫ ସାଧାରଣ ସମ୍ପାଦକ ଓ ୨୦ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ସୁକିନ୍ଦା ନିର୍ବାଚନମଣ୍ଡଳୀର ପ୍ରଦୀପ କୁମାର ମହାନ୍ତି, ବରୀ ନିର୍ବାଚନମଣ୍ଡଳୀର ଅଶୋକ କୁମାର ସାମଲ, ଧର୍ମଶାଳା ନିର୍ବାଚନମଣ୍ଡଳୀର ସୁବ୍ରତ କୁମାର ଧଳ, ଯାଜପୁର ନିର୍ବାଚନମଣ୍ଡଳୀର ତୁଷାର ରଞ୍ଜନ ବେହେରା, କୋରେଇ ନିର୍ବାଚନମଣ୍ଡଳୀର ସୁଧାଂଶୁ ବରାଳ, ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ପ୍ରଭାତ ଚନ୍ଦ୍ର ଦାସ, ବଡ଼ଚଣା ନିର୍ବାଚନମଣ୍ଡଳୀର ଗଣେଶ୍ୱର ବରାଳ ପ୍ରମୁଖ ନିବାଚନୀମଣ୍ଡଳି ସଭାପତି ଭାବେ ମନୋନୀତ ହୋଇଛନ୍ତି।

ବରୀ ବ୍ଲକ୍‌ର ସଭାପତି ଭାବେ ରଞ୍ଜନ କୁମାର ପଣ୍ଡା, ଦଶରଥପୁର ବ୍ଲକ୍ ସଭାପତି ଭାବେ ସଞ୍ଜିତ କୁମାର ମହାନ୍ତି, ଯାଜପୁର ସଭାପତି ଭାବେ ଅଜୟ କୁମାର ମହାନ୍ତି, ରସୁଲପୁରର ସଭାପତି ଭାବେ ମନୋଜ କୁମାର ରାଉତ, କୋରେଇ ସଭାପତି ଭାବେ ସୌଭାଗ୍ୟ ମହାନ୍ତି, ସୁକିନ୍ଦା ସଭାପତି ଭାବେ ସୁଜିତ କୁମାର ରାଉତ, ଦାନଗଦି ସଭାପତି ଭାବେ ଚନ୍ଦନ କୁମାର କର, ବିଞ୍ଝାରପୁର ସଭାପତି ଭାବେ ଦିଲୀପ କୁମାର ରାଉଳ, ଧର୍ମଶାଳା ସଭାପତି ଭାବେ କ୍ଷୀତିଶ କୁମାର ନାୟକ, ବଡ଼ଚଣା ସଭାପତି ଭାବେ ଗଣେଶ୍ୱର ବରାଳ ଓ ଯାଜପୁର ପୌରାଞ୍ଚଳ ସଭାପତି ଭାବେ ମନୋଜ କୁମାର ସାହୁ ଏବଂ ବ୍ୟାସନଗର ପୌରାଞ୍ଚଳ ସଭାପତି ଭାବେ ମନୋଜ କୁମାର ପରିଡ଼ାଙ୍କୁ ମନୋନୀତ କରାଯାଇଛି।

# ଜିଲା ଯୁବ କଂଗ୍ରେସର 'ୟୁଥ୍ ଯୋଡ଼ ବୁଥ୍ ଯୋଡ଼' କାର୍ଯ୍ୟକ୍ରମ

ଯାଜପୁର ଟାଉନ,୨୮।୯(ଡି.ଏନ.ଏ.)

ଯାଜପୁର ଜିଲା ଯୁବ କଂଗ୍ରେସ୍ ପକ୍ଷରୁ 'ୟୁଥ୍ ଯୋଡ଼ ବୁଥ୍ ଯୋଡ' କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଜିଲାରେ ୧୬୧୯ବୁଥ୍‌ରେ ଏହାର ଶୁଭାରମ୍ଭ ଜିଲା କଂଗ୍ରେସ୍ ଅଫିସ୍‌ରେ କରାଯାଇଛି। ଏଥିରେ ଯାଜପୁର ଜିଲା ଯୁବ କଂଗ୍ରେସ୍ ସଭାପତି ସନ୍ତୋଷ ବେହେରା ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ଶରତ ରାଉତ, ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା, ଜିଲା କଂଗ୍ରେସ୍ କମିଟି ସଭାପତି ମନୋଜ ରାଉତ, ନିର୍ବାଚନମଣ୍ଡଳୀ ନେତା ସନ୍ତୋଷ ନନ୍ଦ, ଅଜୟ ସାମଲ, ବିଷ୍ଣୁ ଚରଣ ରାଉତ, ବଳଭଦ୍ର ଦାସ, ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ରଞ୍ଜିତା ରାଉତ, ପ୍ରତିମା କର ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇ ଯୁବ କଂଗ୍ରେସ୍ ସଙ୍ଗଠିତ ହେଲେ କଂଗ୍ରେସ୍‌ର ଗୌରବ ଫେରିଆସିବ ବୋଲି ଦୃଢ଼ୋକ୍ତି କରିବା ସଙ୍ଗେସଙ୍ଗେ ପ୍ରତ୍ୟେକ ବୁଥ୍‌ରୁ ସର୍ବନିମ୍ନ ୫ଜଣ ଯୁବକଙ୍କୁ ଯୋଡ଼ିବାକୁ ଆହ୍ୱାନ ଦେଇଥିଲେ। ପରେ ନବନିଯୁକ୍ତ ଜିଲା ଯୁବ କଂଗ୍ରେସ ଉପସଭାପତି(୫), ସାଧାରଣ ସମ୍ପାଦକ (୧୫), ସମ୍ପାଦକ (୨୦) ଓ କୋଷାଧ୍ୟକ୍ଷ (୧)ଙ୍କୁ ନିଯୁକ୍ତି ପ୍ରମାଣ ପତ୍ର ଦିଆଯାଇଥିଲା।

ଯୁବ କଂଗ୍ରେସ୍ ପ୍ରତିଷ୍ଠା ଦିବସରେ ସମସ୍ତ ଯୁବ କଂଗ୍ରେସ୍ କର୍ମୀଙ୍କୁ ବୀମାଭୁକ୍ତ କରିବା ପାଇଁ ଯେଉଁ କାର୍ଯ୍ୟହାତକୁ ନେଇଛନ୍ତି ତାହାକୁ ଶୀଘ୍ର ତ୍ୱରାନ୍ୱିତ କରାଯିବାକୁ ଜିଲା ଯୁବ କଂଗ୍ରେସ୍ ସଭାପତିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଜିଲାରେ ଯେଉଁ ବେରୋଜଗାରୀ ଯୁବକମାନେ ଅଛନ୍ତି ତାଙ୍କ ପାଇଁ ଏକ ଟୋଲ୍ ଫ୍ରି ନମ୍ବର ଜାରି କରିବା ପାଇଁ ସ୍ଥିର କରାଯାଇଛି। ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ସକ୍ରିୟ ଯୁବ କଂଗ୍ରେସ୍ କର୍ମୀ ସାମିଲ ହେବା ପାଇଁ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ସଭାରେ ଦୁର୍ଯ୍ୟୋଧନ ବେହେରା, ବିଭୂତି ମହାପାତ୍ର, ଅକ୍ଷୟ ଶତପଥୀ, ଗଦାଧର ଦାସ, ଗଣେଶ୍ୱର ଦାସ, ଦିଲୀପ ଦାସ, ରାଇ ଚରଣ ମହାନ୍ତି, ସରୋଜ ନାୟକ, ଶଙ୍କର୍ଷଣ ରାଉତ, ସଂଗ୍ରାମ ସାହାଣୀ, ସଂଗ୍ରାମ ଜେନା, ଚନ୍ଦ୍ରଶେଖର ସାହୁ ଓ ସବ୍ୟସାଚୀ ଦାସ ପ୍ରମୁଖ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବ କଂଗ୍ରେସ କର୍ମକର୍ତ୍ତା ଓ ଅନ୍ୟମାନେ।

# କମ୍ପାନୀ ଶୋଷଣ ବିରୋଧରେ ଏକାଠି ହେବାକୁ ଆହ୍ୱାନ

### ନଠୁଆବରରେ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ଏକତା ମଞ୍ଚର ଗ୍ରାହକ ସମାବେଶ

ରସୁଲପୁର,୨୮।୯(ଡି.ଏନ.ଏ.)



ସମାବେଶରେ ଯୋଗ ଦେଇଥିବା କର୍ମକର୍ତ୍ତା।

ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ହାଟଠାରେ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ଏକତା ମଞ୍ଚ ପକ୍ଷରୁ ବୁଧବାର ଅପରାହ୍ନରେ ଏକ ଗ୍ରାହକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହା ଜରିଆରେ ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ବିରୋଧରେ ଗ୍ରାହକଙ୍କୁ ଏକଜୁଟ୍ ହେବାକୁ ଆହ୍ୱାନ କରାଯାଇଛି। ଗ୍ରାହକଙ୍କ ଉପରେ ଟାଟା ପାୱାରର ଜୁଲମ ଅତିଶୟ ହୋଇପଡ଼ିଲାଣି। ଗ୍ରାହକ ଶୋଷଣନୀତିରେ ଅଭାବୀ ଗ୍ରାହକ ବିଜୁଳି ଆଲୁଅରୁ ବଞ୍ଚିତ ହେବା ସ୍ଥିତି ଉପୁଜିଲାଣି। ବିଜୁଳି ବ୍ୟବହାର ନ କରି ବିଲ୍ ଆସୁଛି। ବିଲରେ ରହିଆସୁଥିବା ତ୍ରୁଟି ବିଚ୍ୟୁତିକୁ ସୁଧାରିବା ଦିଗରେ ଗୁରୁତ୍ୱ ଦିଆଯାଉ ନାହିଁ। ମାତ୍ର ବକେୟା ବିଲ ଆଦାୟକୁ କମ୍ପାନୀ ଗୁରୁତ୍ୱ ଦେଉଛି। ନଚେତ୍ ସଂଯୋଗ କାଟି ଦେବାକୁ ଧମକ ଦିଆଯାଉଛି। କେତେକ କ୍ଷେତ୍ରରେ ବିନା ନୋଟିସରେ ଘରୁ ବିଜୁଳି ସଂଯୋଗକୁ ବିଛିନ୍ନ କରିଦିଆଯାଉଛି। ବିନା କାରଣରେ ପ୍ରତି ଘଣ୍ଟାରେ ଥରେ ଲେଖାଏ ବିଜୁଳି କାଟ କରାଯାଇ ମିଟର ୟୁନିଟ୍‌କୁ ବଢ଼ାଇବା ଫନ୍ଦି କରାଯାଉଛି। ଇଂଲିଶରେ ଦିଆଯାଉଥିବା ବିଦ୍ୟୁତ ବିଲକୁ ସାଧାରଣ ଗ୍ରାହକ ବୁଝିବାରେ ଅସମର୍ଥ ହେଉଛନ୍ତି। ବିଲ୍‌ରେ ସମ୍ପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରାଯାଉ ନାହିଁ। ମିଟର ରିଡରଙ୍କ ଦ୍ୱାରା ବିଦ୍ୟୁତ୍ ୟୁନିଟ ରିଡିଂ ନିୟମିତ ଓ ନିର୍ଦ୍ଧାରିତ ତାରିଖରେ ସଂଗ୍ରହ କରାଯାଉ ନାହିଁ। କମ୍ପାନୀର ଏଭଳି ଆଚରଣ ଦ୍ୱାରା ଗ୍ରାହକଙ୍କ ଉପରେ ଆର୍ଥିକ ବୋଝ ବଢୁଛି ବୋଲି ସମାବେଶରେ କୁହାଯାଇଛି। ତେଣୁ ଗ୍ରାହକଙ୍କୁ ନେଇ କମ୍ପାନୀ ବିରୋଧରେ ଏକ ବଡ଼ ଜନ ଆନ୍ଦୋଳନ କରାଯିବାକୁ ମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଛି।

୧୫୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ସେବା ଯୋଗାଇ ଦେବା, ବକେୟା ବିବାଦୀୟ ବିଲ୍ ଛାଡ଼ କରିବା ଓ ଇଞ୍ଜିନିୟରଙ୍କ ଦ୍ୱାରା ପ୍ରମାଣପତ୍ରପ୍ରାପ୍ତ ମିଟର ବସାଇବା ଆଦି ଦାବିକୁ କମ୍ପାନୀ ତୁରନ୍ତ ଗ୍ରହଣ କରି ନେଉ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସବୁ ଦିଗ ପ୍ରତି କମ୍ପାନୀ ଦୃଷ୍ଟି ଦେଇ ଗ୍ରାହକଙ୍କୁ ସରଳ, ସୁଲଭ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ଦିଗରେ ଯତ୍ନବାନ ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ମଞ୍ଚ କାର୍ଯ୍ୟକର୍ତ୍ତା ପ୍ରକାଶ ମହାନ୍ତି, ଗଣେଶ୍ୱର ପୁରୀ, ଗୋଲକ ମଲ୍ଲିକ, ନାରାୟଣ ପାତ୍ର, ସୁଦାମ ଚରଣ ରାଉତ, ସୁଧାଂଶୁ ମିଶ୍ର, ଶାନ୍ତନୁ କୁମାର ଶତପଥୀ, ପ୍ରହ୍ଲାଦ ପଣ୍ଡା, ବଟକୃଷ୍ଣ ସାହୁ, ପ୍ରଭାକର ନାଏକ, ବିଶ୍ୱଜିତ୍ ମହାନ୍ତି, କୀର୍ତ୍ତନ ବିହାରୀ ସାହୁ, ନିରଞ୍ଜନ ପ୍ରଧାନ ଓ ବଟକୃଷ୍ଣ ପ୍ରଧାନ ପ୍ରମୁଖ ପ୍ରକାଶ କରିଥିଲେ। ଶେଷରେ ପ୍ରଦୀପ ସାମଲ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୯ ସେପ୍ଟେମ୍ବର, ୨୦୨୨



## ସଂକ୍ଷେପରେ

### ନବରାତ୍ର ପୂଜା

ବୁଗୁଡ଼ା,୨୮।୯(ଡି.ଏନ.ଏ.)ବୁଗୁଡା ନିକଟସ୍ଥ ଭଞ୍ଜ ରାଜ ପ୍ରତିଷ୍ଠିତ ବୀର ଧନଞ୍ଜୟପୁର ଶାସନରେ ମା' କନକ ଦୁର୍ଗାଙ୍କ ନବରାତ୍ର ପୂଜା ମହାସମାରୋହରେ ଆରମ୍ଭ ହୋଇଯାଇଛି। ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ଏହି ପୂଜା ଚାଲିବ। ପ୍ରଥମ ଦିବସରେ ଦେବୀଙ୍କୁ ସହସ୍ର କୁମ୍ଭାଭିଷେକ କରାଯାଇ ବାଳ ଭୋଗ, ଝାଲେରୀ ଭୋଗ, ଉପନ ଅର୍ପଣ କରାଯାଉଛି। ସନ୍ଧ୍ୟାରେ ଦେବୀଙ୍କ ନଗର ଭ୍ରମଣ ସରିବା ପରେ ମଧରାତିରେ ଷୋଡ଼ଶ ଉପଚାର ପୂଜା ସହ ଚଣ୍ଡୀ ପାଠ କରାଯାଉଛି। ମହାଷ୍ଟମୀରେ ଏହି ମନ୍ଦିରରେ ସ୍ୱତନ୍ତ୍ର ପୂଜା କରାଯାଏ। ଚଳିତ ବର୍ଷ ପ୍ରମୋଦ କୁମାର ଦାଶ ଆଚାର୍ଯ୍ୟ, ବୈଷ୍ଣବ ଚରଣ ଦାଶ ପ୍ରଚାରକ ଦାୟିତ୍ୱ ନିର୍ବାହ କରୁଛନ୍ତି। ସଭାପତି ଲମ୍ବୋଦର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜା କାର୍ଯ୍ୟ ସମ୍ପାଦନ କରାଯାଉଛି।

### ଶିଶୁଲେଖକ କର୍ମଶାଳା

ରମ୍ଭା,୨୮।୯: ପାଲୁର କ୍ଲଷ୍ଟର ଅନ୍ତର୍ଗତ ଆର. ବିଞ୍ଝଣାପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଲେଖକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ଉପ ସଭାପତି ରୋହିତ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗିରଥି ବେହେରା ମୁଖ୍ୟ ଅତିଥି, କବି ତଥା ଶିକ୍ଷାବିତ ସୁରେନ୍ଦ୍ର ବେହେରା ମୁଖ୍ୟବକ୍ତା, ଝାରେଡି ରାଧାଗୋବିନ୍ଦପୁର ସରପଞ୍ଚ ସିଦ୍ଧେଶ୍ୱର ନାହାକ, ପ୍ରଧାନଶିକ୍ଷକ ଝାଡେଶ୍ୱର ପଲେଇ, ଗାନ୍ଧୀ ସାହୁ ସମ୍ମାନିତ ଅତିଥି, ସିଆରସି ଦେବହରି ବେହେରା, ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ପ୍ରାଥମିକ ସ୍ତରରେ ଭାଷା ଶିକ୍ଷଣରେ ମୌଳିକ ସାକ୍ଷରତା ଲକ୍ଷ୍ୟ ହାସଲ ନିମନ୍ତେ ପଠନ, ଆବୃତ୍ତି, ଲିଖନର ବିଭିନ୍ନ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗଳ୍ପ, ପ୍ରବନ୍ଧ, କବିତା ପଠନ, ଲିଖନ ଓ ଆବୃତ୍ତି ଆଦି କରାଯାଇ ପ୍ରଶଂସା ପତ୍ର ଓ ଶିଶୁ ଲେଖକ ପୁସ୍ତକ ଦିଆଯାଇଥିଲା। ଆଞ୍ଚଳିକ ପ୍ରତିଭା ରୂପେ କବି ସୁରେନ୍ଦ୍ର ବେହେରାଙ୍କୁ ସମ୍ମାନୀତ କରାଯାଇଥିଲା।

### ଗଞ୍ଜେଇ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି, ୨୮।୯(ଡି.ଏନ୍.ଏ.): ପାରଳାଖେମୁଣ୍ଡି ସହର ଏବଂ ଉପକଣ୍ଠରେ ଅବକାରୀ ସଦର ରେଞ୍ଜ ପକ୍ଷରୁ ପାଟ୍ରୋଲିଂ ସମୟରେ ୧୦କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଚାଲାଣକାରୀ ଗିରଫ ହୋଇଛନ୍ତି। ସଦର ଅବକାରୀ ଇନ୍ସପେକ୍ଟର ପ୍ରକାଶ କୁମାର ସାହୁଙ୍କ ନେତୃତ୍ୱରେ ପାରଳା ସହର ସମେତ ଏହାର ଉପକଣ୍ଠରେ ଯାଞ୍ଚ କରାଯାଇଥିଲା। ସହରର ଫରେଷ୍ଟ ଗେଟ ଛକ ନିକଟରେ ଯାଞ୍ଚ ସମୟରେ ସନ୍ଦେହରେ ଜଣକୁ ଅଟକାଇ ତଲାସି କରିଥିଲେ । ତଲାସି ବେଳେ ଚାଲାଣକାରୀ ଧରିଥିବା ଏକ ଜରିଅଖା ବ୍ୟାଗରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା ।

### ପାଚିକା ସହାୟିକା ସଂଘର ଧାରଣା

କୁକୁଡ଼ାଖଣ୍ଡି,୨୮।୯:କୁକୁଡ଼ାଖଣ୍ଡି ବ୍ଲକ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ପକ୍ଷରୁ ୧୧ ଦଫା ଦାବି ନେଇ ମଙ୍ଗଳବାର କୁକୁଡ଼ାଖଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପାଚିକାମାନେ ପ୍ରବଳ ବର୍ଷା ହେବା ସତ୍ତ୍ୱେ ନିଜ ଜିଦରେ ଅଟଳ ରହି ବର୍ଷାରେ ଭିଜି ଭିଜି ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ପ୍ଲାକାର୍ଡ଼ ଧରି କାର୍ଯ୍ୟାଳୟ ଘେରାଉ କରିଥିଲେ। ବ୍ଲକର ସମସ୍ତ ବିଦ୍ୟାଳୟ ଗୁଡ଼ିକରେ ମଧାହ୍ନ ଭୋଜନ କାର୍ଯ୍ୟକ୍ରମକୁ ବହୁବର୍ଷ ହେଲା ସୁଚାରୁ ରୂପେ କାର୍ଯ୍ୟ କରି ଆସୁଥିଲେ ମଧ ସାମାଜିକ ସୁରକ୍ଷା ଓ ସର୍ବନିମ୍ନ ମଜୁରିରୁ ବଞ୍ଚିତ ହେଉଛନ୍ତି। ପାଚିକାମାନଙ୍କ ଉପରେ ଦିନକୁ ଦିନ ଆକ୍ରମଣ ବଢ଼ି ବଢ଼ି ଚାଲିଛି। ସାମାନ୍ୟ କଥାରେ ପାଚିକାମାନଙ୍କୁ ବହିଷ୍କାର ଆଦି ନିତିଦିନିଆ ଘଟଣା ହୋଇଗଲାଣି। ଅନେକ ସ୍ଥାନରେ ସ୍କୁଲ ପରିଚାଳନା କମିଟି କିମ୍ବା ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କର ମିଥ୍ୟା ଅଭିଯୋଗ ଉପରେ ତଦନ୍ତ ନକରି ନୀରିହ ପାଚିକାମାନଙ୍କୁ ବହିଷ୍କାର କରୁଛନ୍ତି। ଏହାର ପ୍ରତିବାଦ କରିବା ସହ ୧୧ ଦଫା ଦାବି ସମ୍ବଳିତ ପତ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ୍ .ଗିରିଧରଙ୍କୁ ପ୍ରଦାନ କରିଛନ୍ତି। ସର୍ବନିମ୍ନ ମଜୁରି ପ୍ରଦାନ କରିବା, କାର୍ଯ୍ୟରତ ସମୟରେ ଦୁର୍ଘଟଣା ଘଟିଲେ କ୍ଷତିପୂରଣ ପ୍ରଦାନ, ବର୍ଷକୁ ୧୨ ମାସର ଭତ୍ତା, ସାମାଜିକ ସୁରକ୍ଷା ପ୍ରଦାନ କରିବା ସହ ପରିଚୟପତ୍ର ପ୍ରଦାନ, ବିଦ୍ୟାଳୟଗୁଡ଼ିକରେ କମ ପିଲା ସଂଖ୍ୟା ଦର୍ଶାଇ ବାଦ ଦିଆଯାଉଥିବା ପାଚିକାମାନଙ୍କୁ ପାଖ ବିଦ୍ୟାଳୟରେ ନିଯୁକ୍ତି, ପାଚିକା ମାନଙ୍କ ଡ୍ରେସ କୋଡ଼ ଲାଗୁ କରିବା ସହ ବର୍ଷକୁ ୧୫ଦିନ ଛୁଟି ମଞ୍ଜୁରି କରିବା, ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହ ପାଚିକାମାନଙ୍କ ମୃତ୍ୟୁ ହେଲେ ତାଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଦିଆଯିବା ଦାବି ଉପସ୍ଥାପନ କରିଥିଲେ। ବନିତା ପାତ୍ର, ଲକ୍ଷ୍ମୀ ରାଓ, ସଂଯୁକ୍ତା ଗୌଡ଼, ସୁଲୋଚନା ଭୂୟାଁ ସମେତ ଶତାଧିକ ପାଚିକା ଆନ୍ଦୋଳନ କରିଥିଲେ। ବିଇଓ ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କହିବା ପରେ ମହିଳାମାନେ ଆନ୍ଦୋଳନରୁ ଓହରିଥିଲେ।

# ଚକାପାଦର ଅବହେଳିତ ଗାଁ ଲାଣ୍ଡାପାଜୁ

## କାଗଜ କଲମରେ ସୀମିତ ଯୋଜନା

ଫୁଲବାଣୀ ଅଫିସ, ୨୮।୯

କନ୍ଧମାଳ ଜିଲାର ଏଭଳି ଗାଁ ରହିଛି ଯେଉଁଠି ଲୋକେ ଆଜି ପର୍ଯ୍ୟନ୍ତ ସର୍ବନିମ୍ନ ମୌଳିକ ସୁବିଧା ପାଉନାହାନ୍ତି। ବିକାଶ କଥା ବହୁ ଦୂରରେ । ଏଭଳି ଚିତ୍ର ଦେଖିବାକୁ ମିଳିଛି ଚକାପାଦ ବ୍ଲକ ଅନ୍ତର୍ଗତ ବେହେରାଗାଁ ପଞ୍ଚାୟତ ଲାଣ୍ଡାପାଜୁ ଗାଁରେ।

ଲାଣ୍ଡାପାଜୁ ଗ୍ରାମରେ ଦୁଇଟି ସାହି ଅଛି। ଗାଁରେ ପ୍ରାୟ ୬୦ ଘରର ଲୋକ ସଂଖ୍ୟା ୪୦୦ରୁ ଊର୍ଦ୍ଧ୍ୱ ହେବ । ବ୍ଲକ ମୁଖ୍ୟାଳୟ ଠାରୁ ୨/୩ କି.ମି. ଦୂରରେ ବେହେରା ଗାଁ ପଞ୍ଚାୟତ କାର୍ଯ୍ୟାଳୟ ରହିଥିଲେ ମଧ ୧୬ କି.ମି. ଦୂରରେ ଲାଣ୍ଡାପାଜୁ ଗ୍ରାମ । ଏ ପର୍ଯ୍ୟନ୍ତ ଗାଁକୁ ରାସ୍ତାଟିଏ ନାହିଁ । ପାହାଡ ଏବଂ ନଦୀ ଅତିକ୍ରମ କରି ଗାଁକୁ ଯିବାକୁ ପଡେ। କିଛି ଦିନ ହେବ ଗ୍ରାମକୁ ଯିବା ଲାଗି ପାହାଡ କାଟି ରାସ୍ତା ହେଉଥିଲା । ମାତ୍ର ଲଗାଣ ବର୍ଷା ଯୋଗୁ ପାହାଡ କଟା ଯାଇଥିବା ଅନେକ ସ୍ଥାନରେ ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇଛି । ଏହାଛଡା ଗାଁକୁ ୭ ରୁ ୮ କି.ମି. ଲମ୍ବି ରହିଥିବା ଚଲା ରାସ୍ତାରେ ମଧ ଅନେକ ସ୍ଥାନରେ ବଡ ବଡ ଗାତ ହୋଇଛି। ଯାହାକୁ ପାର ହୋଇ ଯିବା ସମ୍ଭବ ନୁହେଁ । ଅଧିକ ବର୍ଷା ହେଲେ ପାହାଡ଼ି ନଦୀର ସ୍ରୋତ ପ୍ରଖର ହୁଏ। ନଦୀ ପାର ହେବା ସମ୍ଭବ ହୁଏ ନାହିଁ। ପାଣି କମିବା ଯାଏ ଏହି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼େ। ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଖାଦ୍ୟ ସାମଗ୍ରୀ ମିଳେନାହିଁ । ପିଲାମାନେ ବିଦ୍ୟାଳୟକୁ ଯାଇପାରନ୍ତି ନାହିଁ। ରାଶନ ସାମଗ୍ରୀ ଆଣିବାକୁ ହେଲେ ଗାଁରୁ ୧୮ କି.ମି. ଦୂର ଟିକାବାଲି ସହର ଉପରେ ନିର୍ଭର କରିବାକୁ ପଡେ। ପ୍ରବଳ ବର୍ଷା ହେଲେ ଯିବା ସମ୍ଭବ ହୁଏନାହିଁ। ଏହି ସମୟରେ କାହାର ଦେହ ଖରାପ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ଗର୍ଭବତୀମାନେ ମେଡିକାଲ ଯାଇପାରନ୍ତିନି। ଗ୍ରାମରେ ପ୍ରସବ ବେଳେ ଅନେକ ସମୟରେ ପ୍ରସୂତି ଏବଂ ନବଜାତକଙ୍କ ମୃତ୍ୟୁ ମଧ ଘଟିଥାଏ। କାରଣ ଗ୍ରାମକୁ ଆମ୍ବୁଲାନ୍ସ ଯିବାକୁ ରାସ୍ତା ନାହିଁ । ଭତ୍ତା ଟଙ୍କା ପାଇଁ ହିତାଧିକାରୀଙ୍କୁ ୧୪ କିମି ଦୂର ଟିକବାଲି ଯିବାକୁ ପଡୁଛି। ଗାଁ ରେ ସ୍କୁଲ କିମ୍ବା ଅଙ୍ଗନୱାଡି କେନ୍ଦ୍ର ନାହିଁ । ନିକଟସ୍ଥ ସ୍କୁଲ କହିଲେ ୧୨ କି.ମି ଦୂରରେ ଥିବା ବେହେରା ଗାଁ ପ୍ରାଥମିକ ବିଦ୍ୟାଳୟ ଏବଂ ୧୮ କି.ମି. ଦୂରରେ ଥିବା ଟିକାବାଲି ହାଇସ୍କୁଲ ଏବଂ କଲେଜ ରହିଛି। ପାହାଡିଆ ଖାଲଖମା ଜଙ୍ଗଲି ରାସ୍ତା ଦେଇ ଚାଲିଚାଲି ଯାଇ ଫେରିବା ଅସମ୍ଭବ। ପାଠ ପଢା ପାଇଁ ଗାଁରୁ ବହୁ ଦୂର ଦୂରାନ୍ତରେ ଥିବା ସେବାଶ୍ରମ ସ୍କୁଲ ଭରସା। ଅଳ୍ପ କେତେଜଣ ଛାତ୍ରୀଛାତ୍ର ଆଶ୍ରମରେ ରହି ପଢ଼ା ସାରିବା ପରେ ଗାଁରେ ରହିବାକୁ ବାଧ ହୁଅନ୍ତି। ଆଉ କେତେଜଣ ୧୮ କି.ମି. ଦୂରରେ ଥିବା ଟିକାବାଲି ସ୍କୁଲ, କଲେଜ ଯାଇ ଫେରୁଛନ୍ତି। ଲୋକେ ମହୁଲ, ଗରା ସଂଗ୍ରହ ସହ ଧାନ ଚାଷ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଅନ୍ୟ କୌଣସି ରୋଜଗାର ପନ୍ଥା ନାହିଁ। ଗାଁ ରୁ ୨ କି.ମି. ଦୂର ବିଲ ମଝିର ଚୁଆ ପାଣି ସଂଗ୍ରହ କରି ତାହାକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଖରାଦିନେ ୫ କି.ମି. ଦୂର ନଦୀରୁ ପାଣି ପଡ଼େ ବୋଲି ଗ୍ରାମର ରମା କହଁର, ସୁଶାନ୍ତ ମଲ୍ଲିକ, ଦିଗମ୍ବର କହଁର, ତପସ୍ୟା କହଁର ପ୍ରମୁଖ ପ୍ରକାଶ କରିଛନ୍ତି।



ବିଲ ମଝିରେ ଥିବା ଚୁଆରୁ ମହିଳାମାନେ ପିଇବା ପାଣି ସଂଗ୍ରହ କରୁଛନ୍ତି।

# ଟ୍ରାଇବାଲ ଡାୟୋସିସ୍‌ର ବାର୍ଷିକ ଉତ୍ସବ



ଦାରିଙ୍ଗବାଡ଼ି,୨୮।୯(ଡି.ଏନ.ଏ.)

ଦାରିଙ୍ଗବାଡ଼ିର ସାରିଙ୍ଗିଇର୍ପିଠାରେ ସୋମବାର ଟ୍ରାଇବଲ ଡାୟୋସିସ୍‌ର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଡାୟୋସିସ୍‌ର ମୁଖ୍ୟ ବାଞ୍ଛାନିଧି ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ସାମୂହିକ ପ୍ରାର୍ଥନା, ବାଇବଲ ପଠନ ସହ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ବାକ୍ୟ ପଠନ କରିଥିଲେ। ୨୦୧୮ ଏହି ଦିନରେ କନ୍ଧମାଳ ଜିଲାରେ ଟ୍ରାଇବଲ ଡାୟୋସିସ୍‌ର ଶୁଭ ଉଦ୍‌ଘାଟନ କରାଯାଇଥିବା ଅତିଥି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଡାୟୋସିସ୍‌ର ଏକ୍‌ଜିକ୍ୟୁଟିଭ କମିଟିର ଉପସଭାପତି ଅଙ୍ଗଦ ପ୍ରଧାନ, ସମ୍ପାଦକ ଧୀରେନ ପ୍ରଧାନ, କୋଷାଧକ୍ଷ ପାତ୍ର ମଲିକ, ରବିବାର ବିଦ୍ୟାଳୟର ଆବାହକ ଗୋବିନ୍ଦ ପ୍ରଧାନ, ଯୁବ ଆବାହକ ଏଷ୍ଟ ପ୍ରଧାନ, ମହିଳା ସଙ୍ଗଠନ ସଭାନେତ୍ରୀ ପ୍ରଣତି ପ୍ରଧାନ, ଭଣ୍ଡାର ଦାୟିତ୍ୱରେ ଥିବା ପୁରେନ୍ଦ୍ର ମୁଠାମାଝି ସମେତ ସମସ୍ତ ମଣ୍ଡଳୀର କର୍ମକର୍ତ୍ତା, ବିଶ୍ୱାସ, ବିଶ୍ୱାସିନୀ ଯୋଗ ଦେଇଥିଲେ।

# ଏନ୍‌ଏସିର ତୃତୀୟ କାଉନସିଲ ବୈଠକ

ଆସିକା,୨୮।୯(ଡି.ଏନ୍.ଏ.)




କାଉନସିଲ ବୈଠକରେ ମଞ୍ଚାସୀନ ଅତିଥି।

ଆସିକା ଏନ୍‌ଏସିର ତୃତୀୟ କାଉନସିଲ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ବିନେତା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଏମ୍‌ପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ଉପାଧକ୍ଷା ଜୟନ୍ତୀ ବିଷୋୟୀ, ନିର୍ବାହୀ ଅଧିକାରୀ ଲୋକନାଥ ବେଜ ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ଏନ୍‌ଏସି ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ, ସାଧାରଣ ବଣ୍ଟନ ବ୍ୟବସ୍ଥା, ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ୱାର୍ଡର ସଦସ୍ୟମାନଙ୍କ ଦ୍ୱାରା ସେମାନଙ୍କ ୱାର୍ଡରେ ହେବାକୁ ଥିବା ଉନ୍ନୟନ ମୂଳକ କାର୍ଯ୍ୟ ଚିଠା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ କେତେକ ୱାର୍ଡରେ ସ୍ୱଚ୍ଛ ସାଥୀ ନିଯୁକ୍ତି, ଜନଗହଳି ଅଞ୍ଚଳରେ ୫ଟି ଭ୍ରାମ୍ୟମାଣ ଶୌଚାଳୟ ବ୍ୟବସ୍ଥା, ଏନଏସି ଅଫିସ ପରିସରରେ ମୋ ଖତ ବିକ୍ରି କେନ୍ଦ୍ର, ଲୋକଙ୍କ ନିମନ୍ତେ ପାନୀୟ ଜଳ ବ୍ୟବସ୍ଥା ଓ ରାସ୍ତାକଡ ଖୁଚୁରା ବ୍ୟବସାୟୀଙ୍କ ଠାରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧମରେ ଟିକସ ଆଦାୟ ଲାଗି ଆଲୋଚନା ହୋଇଥିଲା।

### ଦିନଦୟାଲ ଉପାଧ୍ୟାୟଙ୍କ ଜନ୍ମଦିବସ

ଆର.ଉଦୟଗିରି,୨୮।୯(ଡି.ଏନ.ଏ.)

ଗଜପତି ଜିଲାର ମୋହନା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ୧୦୭ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ସମାରୋହରେ ଅନୁଷ୍ଠାନର ଉପସଭାପତି ଶରତ ଚନ୍ଦ୍ର ମଳିକ ପୌରହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ମୋହନା ଭାରପ୍ରାପ୍ତ ତହସିଲଦାର ହିମାଂଶୁ ଶେଖର ପଲ୍ଲେଇ, ମଖ୍ୟବକ୍ତା ଭାବେ ମୋହନା ଥାନାଧିକାରୀ ପ୍ରଶାନ୍ତ କୁମାର ନିଶିକା, ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ମଧୁସୂଦନ ପାଢି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବୀର, ବ୍ୟଙ୍ଗକବି ମଧୁସୂଦନ ନାୟକ, ଅନୁଷ୍ଠାନର ସମ୍ପାଦକ ଦଣ୍ଡାସୀ ସାହୁ ପ୍ରମୁଖ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନ୍ତେବାସୀ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅତିଥିମାନଙ୍କୁ ପୁଷ୍ପ , ଚନ୍ଦନ ଏବଂ ଫୁଲତୋଡ଼ା ଦେଇ ସ୍ୱାଗତ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଅନୁଷ୍ଠାନର ସମ୍ପାଦକ ଉପଢୌକନ ଦେଇ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଛାତ୍ରୀଛାତ୍ର ସମୂହ ସଙ୍ଗୀତ ଗାନ କରିଥିଲେ। ପରେ ଅନୁଷ୍ଠାନର ଅଧକ୍ଷ ଅଖିଳ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବାସହ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ, ଅଣଶିକ୍ଷକ ତଥା ଅନ୍ୟାନ୍ୟ କର୍ମଚାରୀ ଏବଂ ଅତିଥି ଅଂଶଗ୍ରହଣ କରିଥିଲେ।

## ପୋଲିସ, ମଦ ବ୍ୟବସାୟୀଙ୍କ ଅଡିଓ ଭାଇରାଲ ଘଟଣା

# ପୋଲିସ ତଦନ୍ତ ଆରମ୍ଭ

ପାରଳାଖେମୁଣ୍ଡି,୨୮।୯(ଡି.ଏନ୍.ଏ.)– ପୋଲିସ କର୍ମଚାରୀ ଓ ମଦ ବ୍ୟବସାୟୀଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାର ଏକ ଅଡିଓ ଭାଇରାଲ ହୋଇଥିଲା। ଏହି ଘଟଣାର ବୁଧବାର ପୋଲିସର ତଦନ୍ତ ଆରମ୍ଭ କରିଛି। ପୋଲିସ ମଦ ଧରପଗଡ଼ କରୁଥିବା ବେଳେ ବେଆଇନ ଚାଲାଣ କରୁଥିବା କେତେଜଣ ମଦ ବ୍ୟବସାୟୀଙ୍କୁ ଧରିଥିଲା। କିନ୍ତୁ ମଦ ବ୍ୟବସାୟରଙ୍କୁ ଛାଡ଼ିବା ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲା। ଏ ନେଇ ଉଭୟଙ୍କ ମଧ୍ୟରେ ହୋଇଥିବା ଏକ ବାର୍ତ୍ତାର ଅଡିଓ ରେକର୍ଡ କିଛି ଦିନ ପୂର୍ବେ ଭାଇରାଲ ହୋଇଥିଲା। ଏଥିରେ ଜଣେ ବ୍ୟବସାୟ ମଦର ମୂଲ୍ୟ ୫ ହଜାର ଟଙ୍କା ହୋଇଥିବା ବେଳେ ପୋଲିସ ସେମାଙ୍କୁ ଛାଡ଼ିବା ପାଇଁ ୧୦ ହଜାର ଟଙ୍କା ମାଗୁଥିବା ଶୁଣିବାକୁ ମିଳିଛି। ତେବେ ମଦ ବ୍ୟବସାୟ ସହ ପୋଲିସର ସମ୍ପୃକ୍ତିକୁ ନେଇ ପାରଳାଖେମୁଣ୍ଡିରେ ଚର୍ଚ୍ଚା ହେଉଛି। ଏହାକୁ ପୋଲିସର ତଦନ୍ତ ଆରମ୍ଭ ହୋଇଛି ଏଥିରେ ଯାହାର ସମ୍ପୃକ୍ତି ରହିଛି ନିଶ୍ଚିତ ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତି କହିଛନ୍ତି।

# ସଦାନନ୍ଦ ମହାରାଜ ର୍ଦିବସିଙ୍ଗ ଆଶ୍ରମର ମୁଖ୍ୟ ମନୋନୀତ



ସ୍ୱାମୀ ସଦାନନ୍ଦ ମହାରାଜ ର୍ଦିବସିଙ୍ଗ ଆଶ୍ରମର ଦାୟିତ୍ୱ ଗ୍ରହଣ କରୁଛନ୍ତି।

ଭଞ୍ଜନଗର,୨୮।୯(ଡି.ଏନ୍.ଏ.)

ଭଞ୍ଜନଗର ର୍ଦିବସିଙ୍ଗ ସଙ୍କଟମୋଚନ ଆଶ୍ରମର ସଂସ୍ଥାପକ ସ୍ୱାମୀ ସୁଦ୍ଧାନନ୍ଦ ସରସ୍ୱତୀଙ୍କର ଷୋଡ଼ଶୀ ବା ସମାଧି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱାମୀ ସଦାନନ୍ଦ ମହାରାଜ ଉତ୍ତରାଧିକାରୀ ଭାବେ ମନୋନୀତ ହୋଇଥିଲେ। ଆୟୋଜିତ ସ୍ମୃତିଚାରଣ ସଭାରେ ମହେନ୍ଦ୍ରଗିରି ଆଶ୍ରମର ଅବଧୁତ ନକୁଳ ଚରଣ ପୁରୀ ମୁଖ୍ୟଅତିଥି, ମାଣ୍ଡିଆଘାଇ ଆଶ୍ରମର ଅଚ୍ୟୁତ ଚରଣ ଦାସ ଓ ଖଣ୍ଡପଡ଼ା ବେଢାଙ୍ଗି ଆଶ୍ରମର ବ୍ରହ୍ମଚାରୀ ପ୍ରଭାସ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବେଡିଗୋବା ପଞ୍ଚମୁଖୀ ମନ୍ଦିରର ସଂସ୍ଥାପକ ପ୍ରଦୀପ କୁମାର ପଟ୍ଟନାୟକ, ଚୈତନ୍ୟ ମଳିକ ଓ ଅନୀଲ କୁମାର ବିଷୋୟୀ ପ୍ରମୁଖ ସୁଦ୍ଧାନନ୍ଦ ସରସ୍ୱତୀଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ସଦସ୍ୟ ସୁଧୀର ନାୟକ, ଗୀତା ଭବନ ସମ୍ପାଦକ ନାରାୟଣ ସ୍ୱାଇଁ, ଲୋଚନ ସାହୁ, ବେଣୁଧର ସାହୁ, ସୁବାଷ ଚନ୍ଦ୍ର ଗୌଡ, ର୍ଦିବସିଙ୍ଗ ଗ୍ରାମବାସୀ ତଥା ଅଞ୍ଚଳବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର.ଉଦୟଗିରି ପଞ୍ଚାୟତ ସମିତି ବୈଠକ



ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟ ଅଧିକାରୀ।

ଆର.ଉଦୟଗିରି,୨୮।୯(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ୩ୟ ସମିତିସଭ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ ଦେଇଥିଲେ। ଏହି ବୈଠକରେ ଆର୍ଦଶ ପଞ୍ଚାୟତ ଗଠନ ସହ କ୍ଷୁଧା ଓ ଦାରିଦ୍ରମୁକ୍ତ ପଞ୍ଚାୟତ ଗଠନ କରିବା ଉଦ୍ଦେଶ୍ୟରେ ଅବଗତ କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ, ପ୍ରାଣୀସମ୍ପଦ, ମତ୍ସ୍ୟ ବିଭାଗ, ପାନୀୟଜଳ, କ୍ଷୁଦ୍ରଜଳସେଚନ, ଗ୍ରାମ୍ୟଉନ୍ନୟନ ବିଭାଗୀୟ ସମସ୍ତ ବିଷୟ ନେଇ ଆଲୋଚନା ହୋଇଥିଲା। ଶିଶୁ ବିକାଶ ଓ ଜୀବିକା ମିଶନ ଆନୁକୂଲ୍ୟରେ ସ୍ୱଂୟ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଥିବା ସମସ୍ତ ସୁବିଧା ଓ ସୁଯୋଗ ସମ୍ବନ୍ଧରେ ଜଣାଇଥିଲେ। ପାନୀୟଜଳ ସମସ୍ଯା ମଧରେ ମେଗା ୱାଟର ସପ୍ଲାଇ ସମ୍ବନ୍ଧରେ ଆରଡବ୍ଲୁଏସଏସ ବିଭାଗ ସହକାରୀ ଯନ୍ତ୍ରୀ ଜଣାଇଥିଲେ। ଆର.ଉଦୟଗିରି ସରପଞ୍ଚ ଜେମସ ରାଇକା ଆର.ଉଦୟଗିରି ଗ୍ରାମରେ ନିର୍ମାଣ ହେଉଥିବା ନୂତନ ବସଷ୍ଟାଣ୍ଡ ସମ୍ବନ୍ଧରେ ଅବଗତ କରାଇ କହିଥିଲେ ଯେ ନୂତନ ବସଷ୍ଟାଣ୍ଡର ସମ୍ପ୍ରସାରଣ ପାଇଁ ସେଠାରେ ଥିବା ପୁରୁଣା ତହସିଲ କ୍ୱାର୍ଟର୍ସଗୁଡିକୁ ଭଙ୍ଗାଯିବା ଜରୁରୀ, ନଚେତ ଭବଷ୍ୟତରେ ଏ ବିଷୟକୁ ନେଇ ଜନ ଆନ୍ଦୋଳନ ହେବ ବୋଲି କହିଥିଲେ। ଏହି ବୈଠକରେ ନୂତନ ବିଡିଓ ଲରିମନ ଖର୍ସେଲ, ଉପାଧକ୍ଷା ବିଜୟ ଲକ୍ଷ୍ମି ପଟ୍ଟନାୟକ, ଜିଲାପରିଷଦ ସଭ୍ୟାସଭ୍ୟ ଯମୁନା ଦଳବେହେରା, ଦଣ୍ଡପାଣି ବଡମୁଣ୍ଡି, ସମସ୍ତ ସରପଞ୍ଚ, ସମିତିସଭ୍ୟାସଭ୍ୟ, ସମସ୍ତ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଭାରପ୍ରାପ୍ତ ସମ୍ପ୍ରସାରଣ ଅଧିକାରୀ ଶଶାଙ୍କ ଶେଖର ସୁବୁଦ୍ଧି ପରିଚାଳନ କରିଥିଲେ। ବୈଠକ ଶେଷରେ ଉପାଧକ୍ଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### କଲେଜ କୋଠା ଭିତ୍ତିପ୍ରସ୍ତର ସ୍ଥାପନ

ଆସିକା,୨୮।୯(ଡି.ଏନ୍.ଏ.)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଏକ ନୂତନ କୋଠା ଲାଗି ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କଲେଜ ପରିଚାଳନା ପରିଷଦର ସଭାପତି ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ, କଲେଜ ଅଧକ୍ଷ ଡ. ଜିବାନନ୍ଦ ତ୍ରିପାଠୀ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ଅମିତ କୁମାର ପତି ପ୍ରମୁଖ ଯୋଗଦେଇଥିଲେ । ବିଶ୍ୱ ବ୍ୟାଙ୍କ ସହାୟତାରେ ପ୍ରାୟ ସାଢେ ୪ କୋଟି ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ ହେବ। ଏଥିରେ ୨୫ରୁ ଊର୍ଦ୍ଧ୍ୱ ପ୍ରକୋଷ୍ଠ ରହିବ । ଏହାଦ୍ୱାରା ମହାବିଦ୍ୟାଳୟରେ ଶ୍ରେଣୀ ଗୃହର ଅଭାବ ଦୂର ହେବ।

# ବାଲି ଚାଲାଣ ରୋକିବାକୁ ତତ୍ପରତା

କାଶୀନଗର,୨୮।୯–କାଶୀନଗର ତହସିଲ ଅଞ୍ଚଳରେ ଗତ କିଛିଦିନ ହେଲା ବାଲି ଚୋରାଚାଲାଣ ହେଉଛି। ଏହାକୁ ରୋକିବାକୁ ତହସିଲଦାର ଏକ ସ୍କ୍ୱାର୍ଡ ଗଠନ କରି ବାଲି ମାଫିଆଙ୍କୁ ଧରିବା ପାଇଁ ପ୍ରଭାସ କୁମାର ଦେହୁରୀ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ବାଲି ଚାଲାଣ କରୁଥିବା ୨ଟି ଗାଡ଼ି ଜବତ କରାଯାଇ ଜରିମାନା ଆଦାୟ ହୋଇଥିଲା। ଖାରଡ଼ା ଠାରେ ରାଜସ୍ୱ ପରିଦର୍ଶକ ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଗୋଟିଏ ଏବଂ ସୀତାପୁର ରାଜସ୍ୱ ନିରୀକ୍ଷକ ଓ ଖାରଡ଼ା ରାଜସ୍ୱ ନିରୀକ୍ଷକ ଆଉ ଏକ ଗାଡ଼ି ଜବତ କରି ଜରିମାନା ଆକାରରେ ୧୫,୬୦୫ ଟଙ୍କା ଆଦାୟ କରିଛନ୍ତି।

# ଭାଜପାର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ




ଭାଜପା ନେତା ଓ କର୍ମୀମାନେ।

ଫୁଲବାଣୀ ଅଫିସ, ୨୮।୯

ଫୁଲବାଣୀ ବ୍ଲକ ଆଲାମୀ, ଡୁଡିପାଜୁ, ଦଡକି ପଞ୍ଚାୟତରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ହେଉଛି। ସେହିପରି ବିଦ୍ୟୁତ ବିଲ ଅଧିକ ଆସୁଛି। ଏସବୁ ସମସ୍ୟା ପ୍ରତିବାଦରେ ବୁଧବାର ଭାଜପା ପକ୍ଷରୁ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ଆଦିତ୍ୟ କହଁରଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଭଗବାନ ମହାନ୍ତି, ଲିଙ୍ଗରାଜ ଦଳ ବେହେରା,ଦେବନାରାୟଣ ପ୍ରଧାନ, ଜିଲା ସମ୍ପାଦକ ପରେଶ ମହାପାତ୍ର,ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମିତାରାଣୀ ମହାନ୍ତି, ଯୁବମୋର୍ଚ୍ଚା ସଭାପତି ଗୋଲକ କହଁର, ଉପସଭାପତି ସୁଧାଂଶୁ ଗୁରୁ, ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ,ଅବନୀ କହଁର ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ ।

# ବଡ଼ମାଧପୁରର ଜମିଜମା ତ୍ରୁଟି ସଂଶୋଧନ ଦାବି

## ସେଟଲମେଣ୍ଟ ଅଧିକାରୀଙ୍କୁ ଭେଟିଲା କୃଷକ ବିକାଶ ମଞ୍ଚ

ଛତ୍ରପୁର,୨୮।୯(ଡି.ଏନ୍.ଏ.)



ଦାବିପତ୍ର ପ୍ରଦାନ କରାଯାଉଛି।

ଛତ୍ରପୁର ତହସିଲ ଅନ୍ତର୍ଗତ ପୋଟଲାମପୁର ସର୍କଲ ଅଧିନ ବଡ଼ମାଧପୁର ଗ୍ରାମରେ ୪୦ବର୍ଷ ପୂର୍ବେ ଜମିଜମା ସେଟଲମେଣ୍ଟ ହୋଇଥିଲା। ସେଟଲମେଣ୍ଟରେ ଗ୍ରାମର ପ୍ରାୟ ୮୦ ପ୍ରତିଶତ ଜମିଜମାରେ ତ୍ରୁଟି ରହିଛି। ଜମି ପଟାଧାରୀ ଜଣେ ହେଲେ, ଦଖଲରେ ଅନ୍ୟ ଜଣେ ରହିଛନ୍ତି। ସେ ସମୟର ଜମି ବିକ୍ରି ନିୟମରେ ପଟାଦାର ଜମି ବିକ୍ରି ନ କରି, ଦଖଲକାରୀ ଜମି ବିକ୍ରି କରିଥିବା ଯୋଗୁ କ୍ରେତାଙ୍କ ନାମରେ ଜମି ପଟା ନମୋଦ ହୋଇପାରିନାହିଁ। ଗୋଟିଏ ଖାତା ନମ୍ବରରେ ଜମି ସହ ସମ୍ବନ୍ଧ ନ ଥିବା ଏକାଧିକ ବ୍ୟକ୍ତିଙ୍କ ନାମରେ ପଟା ନମୋଦ ହୋଇଛି। ଫଳରେ ଜମିର ଠିକ ରାଜସ୍ୱ ପାଉଣା ଦାଖଲ କରିବା, ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିବା, ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରମାଣପତ୍ର, ଜମି କିଣାବିକା, ଏପରିକି ସରକାରଙ୍କ ବିଭିନ୍ନ ଯୋଜନାରେ ସହାୟତା ପାଇବାରୁ ବଞ୍ଚିତ ହେଉଛୁ ବଡ଼ମାଧପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ କିଛିଦିନ ତଳେ ଏ ନେଇ ଗଞ୍ଜାମ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ବୁଧବାର କୃଷକ ବିକାଶ ମଞ୍ଚ ପକ୍ଷରୁ ସେଟଲମେଣ୍ଟ ଅଧିକାରୀ ଅଭିମନ୍ୟୁ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ଜିଲାପରିଷଦ ସଭ୍ୟ ଏସ. କିଶୋର ଚନ୍ଦ୍ର ରେଡ୍ଡୀ, ବରିଷ୍ଠ ବିଜେଡି ନେତା ମହେଶ୍ୱର ପ୍ରଧାନ, ଶିବ ଶଙ୍କର ସେଠୀ, କୃଷକ ବିକାଶ ମଞ୍ଚର ସମ୍ପାଦକ ଆର୍. ସହଦେବ ରେଡ୍ଡୀ, କୋଷାଧକ୍ଷ ପ୍ରହ୍ଲାଦ ପ୍ରଧାନ, ମୁନା ଖୁଣ୍ଟିଆ, ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

